## କାଳିଆ ଜେନାଙ୍କୁ ଗୁଳି ଓ ବୋମାମାଡ଼ ଘଟଣା

# ୬ ଗିରଫ; ୬ ବନ୍ଧୁକ ଓ ୩୦ ଗୁଳି ଜବତ

ଶେରଗଡ଼, ୧।୮ (ସମିସ)

ଗତ ଶୁକ୍ରବାର ସନ୍ଧ୍ୟାରେ ବୋମାମାଡ଼ ସହିତ ବନ୍ଧୁକ ଗର୍ଜନରେ ଥରହର ହୋଇ ଉଠିଥିଲା ଶେରଗଡ଼ ଥାନା ଅନ୍ତର୍ଗତ ସୁନାଥର ଗ୍ରାମ। ପୂର୍ବରୁ ଥିବା ବ୍ୟକ୍ତିଗତ ଶତ୍ରୁତା ଏବଂ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ବୋମାମାଡ଼ କରିବା ସହ ଘର ସମ୍ମୁଖରେ ବସିଥିବା ନିରଞ୍ଜନ ଜେନା (କାଳିଆ)ଙ୍କୁ ଗୁଳିମାଡ କରିଥିଲେ। କାଳିଆ ବୋମାମାଡ଼ ଏବଂ ଗୁଳିମାଡ଼ରେ ଆହତ ହେବା ସହ ଚିକିତ୍ସିତ ହୋଇଥିଲେ। ଏହି ଘଟଣାକୁ ନେଇ ନିରଞ୍ଜନଙ୍କ ସ୍ତ୍ରୀ ସରିତା ଶେରଗଡ଼ ଥାନାରେ ୧୯ଜଣଙ୍କ ନାମରେ ୨୬ ତାରିଖ ଦିନ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ନଂ.୩୧୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ। ଏହି ଘଟଣାକୁ ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା ନିଜେ ତଦନ୍ତ କରିବା ସହ ଆସାମୀମାନଙ୍କୁ ଧରିବା ଲାଗି ଏକ ଟିମ୍ ଗଠନ କରିଥିଲେ। ଏଥିରେ ଆସିକା, ଧରାକୋଟ, ପାଟପୁର, କବିସୂର୍ଯ୍ୟନଗର, ହିଞ୍ଜିଳି ଥାନାଧିକାରୀ ଏବଂ କିଛି ବଛା ବଛା ପୁଲିସ କର୍ମଚାରୀଙ୍କୁ ନେଇ ତଦନ୍ତ ଜୋରସୋରରେ ଚାଲିଥିଲା।



ଏହି ଘଟଣାରେ ୫ ଜଣ ଷଡ଼ଯନ୍ତ୍ରକାରୀ ଏବଂ ଜଣେ ଘଟଣାସ୍ଥଳରେ ଉପସ୍ଥିତ ଆସାମୀଙ୍କୁ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଛି। ସେମାନେ ହେଲେ ଶେରଗଡ଼ ଥାନା ବାଦଗଡ଼ ଗ୍ରାମର କୃଷ୍ଣଚନ୍ଦ୍ର ସେଠି, ଶେରଗଡ଼ ଥାନା କୁଲାଗଡ଼ ଗ୍ରାମର କାମେଶ୍ୱର ଗୌଡ଼, ସଦର ଥାନା ଅଲାରିଗଡ଼ ଗ୍ରାମର ଅମିତାଭ ବିଷୋୟୀ, ସଦର ଥାନା ବାଲିପଡ଼ା ଗ୍ରାମର ସୀମାଞ୍ଚଳ ବିଷୋୟୀ ଓ ବଂଶୀଧର ବିଷୋୟୀ, ଧରାକୋଟ ଥାନା ଧରାକୋଟ ବଡଦାଣ୍ଡ ସାହିର ସୁରିଆ ନାଇକ। ଅନ୍ୟ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା କହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୬ଟି ବନ୍ଧୁକ, ୩୦ରୁ ଅଧିକ ଜୀବନ୍ତ ଗୁଳି, ୭ଟି ମାଗାଜିନ, ୭ଟି ମୋବାଇଲ ଏବଂ ବାଇକ ଜବତ କରାଯାଇଛି।

ପ୍ରକାଶ ଥାଉକି, ଏହି ଘଟଣା ଲାଗି ପୂର୍ବରୁ ଷଡ଼ଯନ୍ତ୍ର କରାଯାଇଥିଲା ଏବଂ ଏହାକୁ ରୂପରେଖ ଦେବା ଲାଗି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁପାରି ଦିଆଯାଇଥିବା ବେଳେ ଅଗ୍ରୀମ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓଙ୍କ ସମେତ କବିସୂର୍ଯ୍ୟନଗର ଥାନାଧିକାରୀ ନିରଞ୍ଜନ ଦାସ, ପାଟପୁର ଥାନାଧିକାରୀ ଦୀପ୍ତି ରଞ୍ଜନ ଦାସ, ଶେରଗଡ଼ ଥାନା ଏସ୍‌ଆଇ ସତ୍ୟଜିତ ବେଣିଆ, ଏସ୍‌ଆଇ ସରଳତା ପ୍ରଧାନ, ଏଏସ୍‌ଆଇ କୃଷ୍ଣ ଚନ୍ଦ୍ର ଦାସ, ଏଏସ୍‌ଆଇ ସମୀର କୁମାର ସୁନାଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପୋର୍ଟ ମଜଦୂର ସଂଘର ଆନ୍ଦୋଳନ

● ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ୧୪ ଦଫା ଦାବିପତ୍ର

ଛତ୍ରପୁର, ୧।୮ (ସମିସ): ଭାରତୀୟ ମଜଦୂର ସଙ୍ଘ ସହବନ୍ଧିତ ପୋର୍ଟ ମଜଦୂର ସଙ୍ଘ, ଗୋପାଳପୁର ତରଫରୁ ଶ୍ରମିକମାନଙ୍କ ୧୪ଦଫା ଦାବି ନେଇ ଗୋପାଳପୁର ପୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ ସହ ଏକ ଦାବିପତ୍ର ବନ୍ଦରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ପ୍ରାରମ୍ଭରେ ଆର୍ଯ୍ୟପଲ୍ଲୀସ୍ଥିତ ସାମୁଦ୍ରିକ ଥାନା ଠାରୁ ସଂଘର ଶତାଧିକ ଶ୍ରମିକ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ପୋର୍ଟ ମଜଦୂର ସଂଘର ସଭାପତି ଅର୍ଜୁନ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ମଜଦୂର ସଂଘର ରାଜ୍ୟ ସଂଗଠନ ସମ୍ପାଦକ ଲକ୍ଷ୍ମଣ ଦାସ, ଧାମରା ପୋର୍ଟ ଉପସଭାପତି ମନୋଜ ବସନ୍ତ ରାୟ, ବିଏମ୍‌ଏସ୍‌ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁକ୍ତିକାନ୍ତ ସାହୁ, ଗଞ୍ଜାମ ଜିଲ୍ଲା ସମ୍ପାଦକ ଉମାକାନ୍ତ ସାହୁ, ବ୍ରହ୍ମପୁର ମହାନଗର ନିଗମର ସଭାପତି ଧର୍ମା ରାଓ, ଛତ୍ରପୁର ସମ୍ପାଦକ ମନୋରଞ୍ଜନ ମହାପାତ୍ର, ଟାଟା ଏପିପିଏଲ କର୍ମଚାରୀ ସଙ୍ଘର ସଭାପତି ଦିଗାମ୍ବର ମହାକୁଡ, ସମ୍ପାଦକ ହିମାଂଶୁ ଗୌଡ଼, ସମାଜସେବୀ ରାମକ୍ରିଷ୍ଣା ରେଡ୍ଡୀ ଓ ପ୍ରଭାକର ରେଡ୍ଡୀ ପ୍ରମୁଖ ଯୋଗ ଦେଇ ଶ୍ରମିକ ମାନଙ୍କ ହିତ ନିମନ୍ତେ ବିଭିନ୍ନ ଦାବି ଉପରେ ଆଲୋକପାତ କରିଥିଲେ। ଏହା ସହିତ ପୋର୍ଟ ମଜଦୂର ସଂଘର କାର୍ଯ୍ୟକାରୀ ସଭାପତି ବି. ଜଗନ୍ନାଥ, ସାଧାରଣ ସମ୍ପାଦକ ଜି. ଡାଲେୟା, ଉପସଭାପତି ଏନ୍. ଦୀନବନ୍ଧୁ ଓସି.ଏଚ୍. ଏରେୟା, ସମ୍ପାଦକ ଏ. କାଲେୟା, କୋଷାଧ୍ୟକ୍ଷ ଏନ୍. ନାଲେଡୁ ପ୍ରମୁଖ ଯୋଗଦେଇ ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ଶ୍ରମ ଆଇନ ଅନୁସାରେ ନିୟମିତ କରିବା, ସମସ୍ତ କର୍ମଚାରୀଙ୍କୁ କେନ୍ଦ୍ରୀୟ ଶ୍ରମ ଆଇନ ଅନୁଯାୟୀ ପ୍ରଦାନ କରିବା, ସେବା ନିବୃତ୍ତି ବୟସସୀମା ୫୮ ରୁ ୬୦କୁ ବୃଦ୍ଧି କରିବା ଭଳି ବିଭିନ୍ନ ଦାବି ସମ୍ପର୍କରେ କହିଥିଲେ। ଦାବି ଗୁଡିକ ଯଥାଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



# ସାମନ୍ତିଆପଲ୍ଲୀ ରେଞ୍ଜରେ ବାଘ ପାଦଚିହ୍ନ



ପାତ୍ରପୁର, ୧।୮ (ସମିସ): ସାମନ୍ତିଆପଲ୍ଲୀ ରେଞ୍ଜ ଅଧୀନ ତାଡ଼କାସାହି ମାଡୁଆ ରାସ୍ତାରେ ବାଘ ପାଦ ଚିହ୍ନ ଦେଖିବାକୁ ମିଳିବା ପରେ ଜଙ୍ଗଲରେ ବାଘ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଗୁରୁବାର ଏହି ରାସ୍ତାରେ ଛୁଆ ସହିତ ବଡ଼ ବାଘର ପାଦଚିହ୍ନ ପଡ଼ିଥିବା ନଜରକୁ ଆସିଥିଲା। ଗତ ଚାରିଦିନ ତଳେ ମଶାଣିବାଡ଼ ଗ୍ରାମର କୁମର ବେହେରାଙ୍କ ଗୋଟିଏ ଛେଳିକୁ ବାଘ ମାରି ଟାଣି ନେଉଥିବା ବେଳେ ତାକୁ ଚରାଳି ଉଦ୍ଧାର କରିଥିଲେ। ବାଘଲଟି ଜଳଭଣ୍ଡାର ପାର୍ଶ୍ୱରେ ଏହି ଜଙ୍ଗଲ ଥିବାବେଳେ ବର୍ଷ ସାରା ପାଣି ମିଳିବା ଯୋଗୁଁ ପୂର୍ବରୁ ବାଘ ରହୁଥିବା ନଜିର ରହିଛି। ଏନେଇ ସାମନ୍ତିଆପଲ୍ଲୀ ରେଞ୍ଜରଙ୍କୁ ପଚାରିବାରେ ଖବର ଶୁଣି ସ୍ଥାନୀୟ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇ ଅନୁସନ୍ଧାନ ଆରମ୍ଭ କରାଯାଇଛି। ତେବେ ମିଳିଥିବା ପାଦ ଚିହ୍ନ ଯାଞ୍ଚ କଲେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ରେଞ୍ଜର କହିଛନ୍ତି।

● କାର୍ଯ୍ୟକାରୀ ହେଲାନି ବିଇଓଙ୍କ ପ୍ରତିଶ୍ରୁତି

# ପୁଣି ଆନ୍ଦୋଳନରେ ଛାତ୍ରଛାତ୍ରୀ ଓ ଅଭିଭାବକ



ଆସିକା, ୧।୮ (ସମିସ): ଆସିକା ବ୍ଲକ ସିଦ୍ଧନଇ ହାଇସ୍କୁଲରେ ଅଚଳାବସ୍ଥା ଦେଖାଦେଇଛି। ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବା ବେଳେ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଛି। ଫଳରେ ଗୁରୁବାର ସ୍କୁଲ ଆଗରେ ଛାତ୍ରଛାତ୍ରୀ ଓ ଅଭିଭାବକ ଧାରଣା ଦେଇଥିଲେ। ଏହାପରେ ବିଇଓ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ କଥାବାର୍ତ୍ତା କରିଥିଲେ। ଏତିକିବେଳେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଏକ ଦାବିପତ୍ର ବିଇଓଙ୍କୁ ପ୍ରଦାନ କରିଥିଲେ। ସ୍କୁଲରେ ତୁରନ୍ତ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ସହ ଡେପୁଟେସନରେ ଯିବାକୁ ନିର୍ଦ୍ଦେଶ ଥିବା ଶିକ୍ଷକଙ୍କୁ ତୁରନ୍ତ ଫେରାଇ ଆଣିବାକୁ ଦାବିପତ୍ରରେ ଉଲ୍ଲେଖ ରହିଥିଲା। ବିଇଓ ଏହି ଦାବିପତ୍ର ଗ୍ରହଣ କରିବା ସହ ତୁରନ୍ତ ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଶୁକ୍ରବାର ଶିକ୍ଷକଙ୍କ ଡେପୁସେଟନ ନିର୍ଦ୍ଦେଶ ବାତିଲ୍ ହୋଇନଥିବା ଜଣାପଡ଼ିବା ପରେ ଛାତ୍ରଛାତ୍ରୀ ଓ ଅଭିଭାବକ ସ୍କୁଲ ଆଗରେ ପୁଣି ଆନ୍ଦୋଳନ କରିଛନ୍ତି। ଛାତ୍ରଛାତ୍ରୀଙ୍କ କହିବା ହେଲା, ସ୍କୁଲରେ ୪ଜଣ ଶିକ୍ଷକ ଥିବାବେଳେ ସେଥିରୁ ପୁଣି ଜଣେ ଶିକ୍ଷକଙ୍କୁ ଡେପୁଡେସନ ପଠାଯାଇଛି। ଫଳରେ ପାଠପଢ଼ା ଏକ ପ୍ରକାର ଠପ୍ ହୋଇଯାଇଛି। ଆଗକୁ ମାଟ୍ରିକ ପରୀକ୍ଷା ଥିବାରୁ ଛାତ୍ରାଛାତ୍ରୀ ମାନଙ୍କ ଭବିଷ୍ୟତ ସହ ଶିକ୍ଷାବିଭାଗ ଖେଳୁଛି ବୋଲି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ତେଣୁ ଶିକ୍ଷା ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗକୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି କୁହାଯାଇଛି।

# ନୂତନ ରାସନ କାର୍ଡ ବାଣ୍ଟିଲେ ବିଧାୟକ



ଖଲ୍ଲିକୋଟ, ୧।୮ (ସମିସ): ଖଲ୍ଲିକୋଟ ବ୍ଲକର ତିନୋଟି ପଞ୍ଚାୟତରେ ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ଦେବାଶିଷ ସାମଲ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ବିଜେପି ଯୁବନେତା ଅରୁଣ କୁମାର ଖୁଣ୍ଟିଆ, ଖଲ୍ଲିକୋଟ ଯୋଗାଣ ଅଧିକାରିଣୀ ଶୁଭସ୍ମିତ ପରିଡ଼ା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତାଳପଡ଼ା ପଞ୍ଚାୟତର ୪୩ ଜଣ, ନାଇକାଣିପଲ୍ଲୀ ପଞ୍ଚାୟତରେ ୭୩ ଜଣ ଓ ମଥୁରା ପଞ୍ଚାୟତର ୯୯ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ତାଳପଡ଼ା ସରପଞ୍ଚ ମନୋଜ କୁମାର ସେଠୀ, ନାଇକାଣିପଲ୍ଲୀ ସରପଞ୍ଚ ମିଥୁନ ଖୁଣ୍ଟିଆ, ମଥୁରା ସରପଞ୍ଚ ମେହମନ୍ତ ସେଠୀ ଓ ସମସ୍ତ ସମିତି ସଭ୍ୟଙ୍କ ସହ ଦାନପୁର ପୂର୍ବତନ ସରପଞ୍ଚ ତଥା ଯୁବ ବିଜେପି ନେତା ମନୋଜ କୁମାର ପ୍ରଧାନ, ପ୍ରଦୀପ ଜେନା, ବରିଷ୍ଠ ବିଜେପି ନେତା କିଶୋର ସ୍ୱାଇଁ, ପଦ୍ମ ଚରଣ ସୁବୁଦ୍ଧି, ନିରଞ୍ଜନ ନାୟକ, ସଞ୍ଜୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମତ୍ସ୍ୟଜୀବୀଙ୍କ ବୃତ୍ତିଶୈଳୀ ଦେଖିଲେ ଛାତ୍ରଛାତ୍ରୀ

ଛତ୍ରପୁର, ୧।୮ (ସମିସ): ଛତ୍ରପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ୟୁରୋ ସ୍କୁଲର ଛାତ୍ରଛାତ୍ରୀ ଶୁକ୍ରବାର ଅଧ୍ୟୟନ ଭ୍ରମଣରେ ଯାଇ ଉପକୂଳବର୍ତ୍ତୀ ଅଞ୍ଚଳରେ ମତ୍ସ୍ୟଜୀବୀମାନେ କିପରି ଦୈନନ୍ଦିନ ଜୀବନ ଜୀବିକା ନିର୍ବାହ କରୁଛନ୍ତି ଦେଖିଥିଲେ। ୟୁରୋ ସ୍କୁଲର ୪ର୍ଥ ଶ୍ରେଣୀର ଛାତ୍ରଛାତ୍ରୀ ଶ୍ରେଣୀ ଶିକ୍ଷୟିତ୍ରୀ ଗ୍ଲୋରି ମରସିଓସଙ୍କ ନେତୃତ୍ୱରେ ଆର୍ଯ୍ୟପଲ୍ଲୀ ଗୋପାଳପୁର ବନ୍ଦର ପରିସରରେ ଥିବା ମାଛମରା ଜେଟିକୁ ଅଧ୍ୟୟନ ଭ୍ରମଣ ପାଇଁ ଯାଇଥିଲେ। ସମୁଦ୍ର ଭିତରେ ମତ୍ସ୍ୟଜୀବୀମାନେ କିପରି ଡଙ୍ଗା ତଥା ବୋଟ୍ ମାଧ୍ୟମରେ ମାଛ ମାରିବାକୁ ଯାଉଛନ୍ତି। ସମୁଦ୍ରରୁ ଜାଲ ଦ୍ୱାରା ମାଛ ଧରି ଜେଟିକୁ କିପରି ଆଣୁଛନ୍ତି। ଜାଲରେ ପଡ଼ିଥିବା ବିଭିନ୍ନ ରକମର ମାଛକୁ କିପରି ଅଲଗା ଅଲଗା କରିଥାନ୍ତି। କେଉଁ ମାଛକୁ ବରଫ ବାକ୍ସରେ ରଖୁଥାନ୍ତି ଆଉ କେଉଁ ମାଛ ଗୁଡିକୁ ଜେଟି ଉପରେ ରଖିଥାନ୍ତି। କେଉଁ ମାଛକୁ ଶୁଖୁଆ କରିବା ଲାଗି ଜେଟିରେ ଶୁଖାଉଥାନ୍ତି ଏବଂ ଜେଟିକୁ ମାଛ ଧରି ଆସିବା ବେଳେ ମାଛ କିଣିବା ପାଇଁ ବ୍ୟବସାୟୀମାନଙ୍କ ତତ୍ପରତା ଏସମସ୍ତ କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀମାନେ ନିକଟରେ ପରିଦର୍ଶନ କରିଥିଲେ। ଉପକୂଳବର୍ତ୍ତୀ ଅଞ୍ଚଳରେ ମତ୍ସ୍ୟଜୀବୀଙ୍କ ଜୀବନଜୀବିକା କିପରି ନିର୍ଭରଶୀଳ ରହିଥାଏ ଏ ବିଷୟ ଛାତ୍ରଛାତ୍ରୀଙ୍କ ଅଧ୍ୟୟନରେ ବେଶ୍ ଉପକୃତ ହୋଇପାରିବ ଆଶା ନେଇ ସ୍କୁଲ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସ୍କୁଲର ପୃଷ୍ଠପୋଷକ ସସ୍ମିତା ମହାପାତ୍ର କହିଛନ୍ତି।



# ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦିଗପହଣ୍ଡି, ୧।୮ (ସମିସ): ଦିଗପହଣ୍ଡି ସ୍ଥିତ ଘୋଡ଼ାହାଡ଼ ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଏ ଗୋପାଳ ରାଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଦୀର୍ଘ ୫ ବର୍ଷ ଧରି ଦିଗପହଣ୍ଡି ଘୋଡାହାଡ଼ ଜଳସେଚନ ପ୍ରକଳ୍ପର ବହୁ ଉନ୍ନତିମୂଳକ କାର୍ଯ୍ୟକରି ପ୍ରକଳ୍ପକୁ ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ପୂର୍ବକ ରାଜ୍ୟସ୍ତରରେ ପୁରସ୍କାର ହାସଲ କରି ସେ ଗୌରବ ଅର୍ଜନ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅବସର ପରେ ତାଙ୍କ ସ୍ଥାନରେ ପଦୋନ୍ନତି ପାଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁଙ୍କୁ ନୂତନ ଭାବେ ଏହି ଜଳସେଚନ ପ୍ରକଳ୍ପର ଦାୟିତ୍ୱ ଦିଆଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. କିଶୋର ଚନ୍ଦ୍ର ପାତ୍ର, ଇଂ. କ୍ଷୀରୋଦ ବେହେରା, ଦେବରାଜ ଗୌଡ଼, କୋଷାଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି, ଘୋଡ଼ାହାଡ଼ ପାଣି ପଞ୍ଚାୟତ ଶୀର୍ଷ କମିଟି ସଭାପତି ରମେଶ ଚନ୍ଦ୍ର ପାତ୍ର, ସମ୍ପାଦକ କୀର୍ତ୍ତିଚନ୍ଦ୍ର ଗୌଡ଼, ସ୍ୱତନ୍ତ୍ର ଠିକାଦାର ସରୋଜ ପାତ୍ର, ଉମାକାନ୍ତ ସାହୁ, ପଦ୍ମନାଭ ମହାରଣା, ଭି. କାମ ରାଜୁ, କାଳୀଚରଣ ରାଉଳ, ପବିତ୍ର ପାଣିଗ୍ରାହୀ, ମହେନ୍ଦ୍ର ପାଢ଼ୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



# ମିନିବସ୍‌ରେ ଗଞ୍ଜେଇ ଚାଲାଣ; ୫ ମହିଳାଙ୍କ ସମେତ ୬ ଗିରଫ

ଆସିକା, ୧।୮ (ସମିସ): କୋଟିନଡ଼ା ପୁଲିସ ଶୁକ୍ରବାର କଲେଜ ଛକରେ ଏକ ମିନିବସ୍‌ରୁ ପ୍ରାୟ ୬୩ କିଲୋ ଗଞ୍ଜେଇ ଜବତ କରିବା ସହ ୫ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ କନ୍ଧମାଳ ଜିଲ୍ଲାର ରେଖା ମାହାଣ୍ଡା, ପଦ୍ମାବତୀ ଦିଗାଲ, ନୟନୀ ସାହାଣୀ, ବାସନ୍ତୀ ଦିଗାଲ, ଟୁନି ସେଠୀ ଓ ରୁନ ସେଠୀ। ପୁରୁଷ ଅଭିଯୁକ୍ତଙ୍କ ପରିଚୟ ମିଳିପାରିନାହିଁ। ଯାତ୍ରୀବାହୀ ବସ୍‌ଟି ଆସିକାରୁ କୋଦଳା ଯାଉଥିବା ବେଳେ ଖବର ପାଇ ପୁଲିସ କଲେଜ ଛକରେ ଅଟକାଇ ଯାଞ୍ଚ କରିଥିଲା। ପାଞ୍ଚ ଜଣ ମହିଳା ଏବଂ ଜଣେ ପୁରୁଷଙ୍କୁ ଗିରଫ କରିବା ସହ ୬୩ କିଲୋ ଗଞ୍ଜେଇ ଜବତ କରିଥିଲା। ଏଥିସହ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଆସିକା ସବ୍‌ଜେଲକୁ ପଠାଇ ଦିଆଯାଇଛି।

# ଅଙ୍ଗନବାଡ଼ି କର୍ମୀଙ୍କୁ ଦୁଷ୍କର୍ମ ଧମକ

ଦିଗପହଣ୍ଡି, ୧।୮ (ସମିସ): ଦିଗପହଣ୍ଡି ବ୍ଲକ ଅଧିନ ଏକ ଗାଁରେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ଗ୍ରାମର ସନ୍ତୋଷ କୁମାର ବିଷୋୟୀ ଘରେ ପଶି ଦୁଷ୍କର୍ମ କରିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଙ୍ଗନବାଡ଼ି କର୍ମୀଙ୍କ ଏତଲା କ୍ରମେ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଗତ ବୁଧବାର ସନ୍ତୋଷ ହାତରେ ଏକ କାତି ଧରି ଅଙ୍ଗନବାଡ଼ି କର୍ମୀଙ୍କ ଘର ଗ୍ରୀଲକୁ ବାଡ଼େଇବା ସହ ତାଙ୍କୁ ଉଲଗ୍ନ ହୋଇ ଗାଳିଗୁଲଜ କରିଥିଲେ। ସେ ପ୍ରତିବାଦ କରିବାରୁ ତାଙ୍କୁ ଟଣାଓଟରା କରିଥିଲେ। ପରେ ତାଙ୍କୁ ଦୁଷ୍କର୍ମ କରିବାକୁ ଏବଂ ତାଙ୍କ ପୁଅଙ୍କୁ ହତ୍ୟା କରିବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଅଙ୍ଗନବାଡ଼ି କେନ୍ଦ୍ରକୁ ଗଲା ବେଳେ ସନ୍ତୋଷ ସଦାସର୍ବଦା ତାଙ୍କୁ ପିଛା କରି ଅଶ୍ଳୀଳ ମନ୍ତବ୍ୟ ଦେଇ ଆସୁଥିବା ଅଙ୍ଗନବାଡ଼ି କର୍ମୀ ଜଣକ ପୁଲିସକୁ କହିଛନ୍ତି।

# ପ୍ରଜାଖାନା ସଂଶୋଧନରେ କବିସୂର୍ଯ୍ୟନଗର ତହସିଲ ପ୍ରଥମ

କବିସୂର୍ଯ୍ୟନଗର, ୧।୮ (ସମିସ): କବିସୂର୍ଯ୍ୟନଗର ତହସିଲକୁ ମିଳିଛି ବଡ଼ ସଫଳତା। ମୃତ୍ୟୁବରଣ କରିଥିବା ଲୋକଙ୍କ ନାମରେ ଯେଉଁ ଜମିଜମା କିମ୍ବା ଘରବାରି ପଟ୍ଟା ରହିଛି, ଉକ୍ତ ପଟ୍ଟା ଗୁଡ଼ିକ ଅସଲି ମାଲିକ ସେମାନଙ୍କ ଅଂଶୀଦାର ଅଟନ୍ତି। ବର୍ତ୍ତମାନ ଉକ୍ତ ପଟ୍ଟା ଗୁଡ଼ିକ ସେମାନଙ୍କର ଅଂଶୀଦାର ପୁଅ, ଝିଅ, ସ୍ତ୍ରୀ, ନାତି ନାତୁଣୀ ଆଦି ପରିବାର ଲୋକଙ୍କ ନାମରେ ୨ଖାନା ସଂଶୋଧନ ହୋଇ ନାମ ପରିବର୍ତ୍ତନ କାର୍ଯ୍ୟକ୍ରମ ତହସିଲରେ ଚାଲିଛି। ସମଗ୍ର ଓଡ଼ିଶାରେ ଥିବା ସମସ୍ତ ତହସିଲରେ ଏହି ୨ ଖାନା ସଂଶୋଧନ କାର୍ଯ୍ୟ ଜୋରସୋରରେ ଚାଲିଛି। କବିସୂର୍ଯ୍ୟନଗର ତହସିଲ ଓଡ଼ିଶାରେ ଥିବା ୨ଖାନା ସଂଶୋଧନ କାର୍ଯ୍ୟରେ ୧୨ନଂରେ ଆଗୁଆ ରହିଥିବା ବେଳେ ଗଞ୍ଜାମ ଜିଲ୍ଲାରେ କବିସୂର୍ଯ୍ୟନଗର ତହସିଲ ସମସ୍ତ ତହସିଲ ମଧ୍ୟରେ ୨ଖାନା ସଂଶୋଧନ କାର୍ଯ୍ୟରେ ୧ନଂରେ ରହିଛି। ଯାହା କି ତହସିଲଦାର ଡ଼ଃ. ରବୀନ ଚର୍ଚ୍ଚିଲ, ଅତିରିକ୍ତ ତହସିଲଦାର ମନ୍ମଥ କୁମାର ବେହେରା, ବରିଷ୍ଠ କିରାଣି ଚିତ୍ରସେନ ସାମଲ, ସୁପରଭାଇଜର, ଆର୍‌ଆଇ, ଅମିନ ଓ ସମସ୍ତ କର୍ମଚାରୀଙ୍କ ଦ୍ୱାରା ସମ୍ଭବପର ହୋଇପାରିଛି। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ପାଇବା ସହ ତହସିଲ ଅଧୀନ ଗ୍ରାମଗୁଡିକ ଏହାର ସୁଯୋଗ ପାଇବା ସମ୍ଭବ ହୋଇଛି।

# ସ୍ୱାସ୍ଥ୍ୟ ବିଭାଗ ଖାଲିପଦ ପୂରଣ ପାଇଁ କଂଗ୍ରେସର ଦାବିପତ୍ର



ପାରଳାଖେମୁଣ୍ଡି, ୧।୮ (ସମିସ): ଗଜପତି ଜିଲ୍ଲା କଂଗ୍ରେସ ତରଫରୁ ସ୍ୱାସ୍ଥ୍ୟ ବିଭାଗରେ ଖାଲିପଡ଼ିଥିବା ପଦ ପୁରଣ ନେଇ ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାଧାରଣ ସମ୍ପାଦକ ଈଶ୍ୱରଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନା କରାଛି। ଉକ୍ତ ଦାବିପତ୍ରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ଖାଲିପଡ଼ିଥିବା ବିଶେଷଜ୍ଞ ଡାକ୍ତର ଓ ସେବିକା ସମେତ ଅନ୍ୟାନ୍ୟ ପଦ ପୂରଣ କରିବା ଉଲ୍ଲେଖ ରହିଛି। ଦାବିପତ୍ରକୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଦାବି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପୂରଣ ନକଲେ କଂଗ୍ରେସ ତରଫରୁ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜସ୍ମିନ ଶେଖ୍‌ଙ୍କ ସମେତ ପ୍ରମୁଖ ଦଳୀୟ ନେତା ଉପସ୍ଥିତ ଥିଲେ।

## ଆର୍ଯ୍ୟପଲ୍ଲୀ ସମୁଦ୍ର କୂଳ ଲଂଘିବା ଘଟଣା

# ଘଟଣାସ୍ଥଳ ପରିଦର୍ଶନ କଲେ ଜିଲ୍ଲାପାଳ

ଛତ୍ରପୁର, ୧।୮ (ସମିସ)

ଆର୍ଯ୍ୟପଲ୍ଲୀ ସମୁଦ୍ର କୂଳ ଲଂଘିବା ନେଇ ଭୟଭୀତ ଅବସ୍ଥାରେ ଅଛନ୍ତି ଅଞ୍ଚଳବାସୀ। ଏନେଇ ଆଜି ଘଟଣାସ୍ଥଳକୁ ପରିଦର୍ଶନ କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ। ଅପରାହ୍ନରେ ଆର୍ଯ୍ୟପଲ୍ଲୀ ସମୁଦ୍ର କୂଳ ଖାଉଥିବା ସ୍ଥାନ ଜିଲ୍ଲାପାଳ ପରିଦର୍ଶନ କରିବା ସହ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ, ଜଳସେଚନ ବିଭାଗ ଅଧିକାରୀ ଓ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରିଥିଲେ। ସୁରକ୍ଷା ନିମନ୍ତେ ସମୁଦ୍ର ଭିତରେ ୧୧ଟି ଆଡ଼ିବନ୍ଧ ନିର୍ମାଣ କରାଯିବ, ଏଥି ନିମନ୍ତେ ପରିବେଶ ମଞ୍ଜୁରୀ ଦରକାର, ଏହା କିପରି ଖୁବଶୀଘ୍ର କାର୍ଯ୍ୟକାରୀ ହୋଇପାରିବ ତାହା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଏହାସହିତ ପୂର୍ଣ୍ଣିମା ଯୋଗୁଁ ସମୁଦ୍ରରେ ବଡ଼ ବଡ଼ ଜୁଆର ହେତୁ କୂଳ ଖାଉଛି। ସେଥିପାଇଁ ସମୁଦ୍ରକୂଳରେ ପକାଯାଉଥିବା ପଥର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହା ସହିତ ମତ୍ସ୍ୟଜୀବୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

**୧୧ଟି ଆଡ଼ିବନ୍ଧ ନିର୍ମାଣ କରାଯିବ, ପରିବେଶ ମଞ୍ଜୁରି ଦରକାର**



ସୂଚନାଯୋଗ୍ୟ କିଛିଦିନ ହେବ ଆର୍ଯ୍ୟପଲ୍ଲୀ ସମୁଦ୍ର କୂଳ ଲଂଘିବା ଦ୍ୱାରା ଗୋଟିଏ ଗୋଟିଏ ଛୋଟ ବିଶ୍ରାମଗୃହ ସମେତ କିଛି ଛୋଟ ମନ୍ଦିର ସମୁଦ୍ରରେ ଲୀନ ହୋଇଯାଇଥିବା ବେଳେ ରାସ୍ତା ସମୁଦ୍ର ପାଣିରେ ଧୋଇ ନଷ୍ଟ ହେବାସହ ଗ୍ରାମ ଆଡ଼କୁ ମାଡି ଆସୁଛି ସମୁଦ୍ର। ଗାଁ ଠାରୁ ଏବେ ମାତ୍ର ୫୦ ମିଟର ଦୂରରେ ରହିଛି। ଯାହାଫଳରେ ଭୟଭୀତ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ। ଜିଲ୍ଲାପାଳଙ୍କ ପରିଦର୍ଶନ ବେଳେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଛତ୍ରପୁର ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ସସ୍ମିତ ସଂଗ୍ରାମଜିତ ସାହୁ, ବନ୍ଦର କର୍ତ୍ତୃପକ୍ଷ ଓ ଜଳସେଚନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପାତ୍ର
ସିଆପଡା, ଆନନ୍ଦପୁର
ଆବିର୍ଭାବ - ୧୨.୧୦.୧୯୪୩
ତିରୋଧାନ - ୦୨.୦୮.୨୦୨୪
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନାରାୟଣ, ମନରଂଜନ, ନିରଞ୍ଜନ, ତଲି, ଚନ୍ଦନା, ଚିନା, ତନି, ସୋନି, କାହ୍ନୁ, ଶିଲି, ରାନୀ, ଲାଲା, ଗୁଡଲି ଓ ପରିବାରବର୍ଗ

# କନ୍ଧମାଳ ଗସ୍ତରେ ନୀତି ଆୟୋଗର କେନ୍ଦ୍ରୀୟ ଟିମ୍

## ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ ସହ ବିଭିନ୍ନ ବିଷୟରେ କଲେ ଆଲୋଚନା

ଫିରିଙ୍ଗିଆ, ୧।୮ (ସମିସ)

କନ୍ଧମାଳ ଜିଲ୍ଲାକୁ ୨ ଦିନିଆ ଗସ୍ତରେ ଆସି ବିଭିନ୍ନ ବ୍ଲକର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ସ୍ଥିତି ପରଖିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି ନୀତି ଆୟୋଗ ଫାଉଣ୍ଡେସନର କେନ୍ଦ୍ରୀୟ ଟିମ୍। ଫିରିଙ୍ଗିଆ ବ୍ଲକ ଗସ୍ତରେ ଟିମ୍‌ରେ ଇଟାଲୀର ଜୟୀ ଯେକିସନ, ଦିଲ୍ଲୀର ଅକ୍ଷୟ ଲିମା, ଡିଏସ୍‌ଡବ୍ଲୁ ସ୍ନେହଲତା ସାହୁ, ସିଡିପିଓ ନିବେଦିତା ପ୍ରଧାନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ



ପ୍ରବୋଧ ପ୍ରଧାନ ଆସି ପ୍ରଥମେ ନୂଆପଦର ଅଙ୍ଗନବାଡି କେନ୍ଦ୍ର, ରବିଙ୍ଗିଆ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ ସହ ଗର୍ଭବତୀଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଅଙ୍ଗନବାଡି କର୍ମୀଙ୍କୁ ବିଭିନ୍ନ ସୁବିଧା, ଅସୁବିଧା ବିଷୟରେ ଆଲୋଚନା କରିବା ପରେ ଛାତ୍ରଛାତ୍ରୀଙ୍କୁ ଭେଟିଥିଲେ। ପରିଦର୍ଶନ ପରେ ଟିମ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ନିବେଦିତା ପ୍ରଧାନ ଏବଂ ସମସ୍ତ ଅଧିକାରୀ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ଛେଲିଗଡ଼ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

ପାରଳାଖେମୁଣ୍ଡି, ୧।୮ (ସମିସ): ଆର.ଉଦୟଗିରି ବ୍ଲକରେ ନିର୍ମାଣାଧିନ ଛେଲିଗଡ଼ ଜଳସେଚନ ପ୍ରକଳ୍ପକୁ ଜିଲ୍ଲାପାଳ ମଧୁମିତା ପରିଦର୍ଶନ କରିଛନ୍ତି। ପ୍ରଥମେ କୁଆଁପଡ଼ା ଓ ମୂଷାଡଲି ଗ୍ରାମ ନିକଟସ୍ଥ ଛେଲିଗଡ଼ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ନିର୍ମିତ ଟନେଲ୍ ଦେଖିବା ପରେ ଛେଲିଗଡ଼ ଗ୍ରାମ ପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା ଡ୍ୟାମସ୍ଥଳ ଓ ବଡଜୋର ନଦୀ ପରିଦର୍ଶନ କରିଥିଲେ। ଏହାପରେ ଜିଲ୍ଲାପାଳ ପିଲିସୁଗୁବାରେ ନିର୍ମାଣଧୀନ ବିସ୍ଥାପିତ କଲୋନୀରେ ପହଞ୍ଚି କଲୋନୀର ବିକାଶ କରିବା ନିମନ୍ତେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଇଲଙ୍ଗ ଠାରେ ନିର୍ମିତ ବିଦ୍ୟାଧରପୁର ବିସ୍ଥାପିତ କଲୋନୀକୁ ଯାଇ ସେଠାରେ ବିକାଶ କାର୍ଯ୍ୟର ସମୀକ୍ଷା କରିଥିଲେ। ବିସ୍ଥାପିତ ପରିବାରମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସେମାନଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଆଜିର ଏହି ଗସ୍ତ ସମୟରେ ସ୍ୱତନ୍ତ୍ର-ଭୂଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ ରବୀନ୍ଦ୍ର ନାଥ କହଁର, ଛେଲିଗଡ଼ ଜଳସେଚନ ପ୍ରକଳ୍ପ ଅଧୀକ୍ଷଣ ଯନ୍ତ୍ରୀ ବିରେନ୍ଦ୍ର କୁମାର ଜଗତ, ରା. ଉଦୟଗିରି ତହସିଲଦାର ଜ୍ୟୋତିର୍ମୟ ଦାଶ, ମଣ୍ଡଳ ଅଧିକାରୀ ଶିବାଶୀଷ ପଣ୍ଡା ଓ ଭୋଳାନାଥ ବେହେରା, ସହକାରୀ ନିର୍ବାହୀଯନ୍ତ୍ରୀ ଲକ୍ଷ୍ମୀ ଚରଣ ମିଶ୍ର, ସହକାରୀ ଯନ୍ତ୍ରୀ ଜୟନ୍ତ ନାୟକ ଓ ନିରଞ୍ଜନ ରେଡ୍ଡୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ପ୍ରକଳ୍ପରେ ଅଂଶୀଦାର ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିବା ସହିତ ଡ୍ୟାମ କାର୍ଯ୍ୟ ଶୀଘ୍ର ଶେଷ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।



# ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କଲେ ବିଧାୟକ



ପାରଳାଖେମୁଣ୍ଡି, ୧।୮ (ସମିସ): ନବ ନିଯୁକ୍ତ ଗଜପତି ଜିଲ୍ଲାପାଳ ମଧୁମିତାଙ୍କୁ ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଆଜି ଭେଟି ଶୁଭେଚ୍ଛା ଜଣାଇବା ସହ ଜିଲ୍ଲାର ତଥା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ଆଲୋଚନା କରିଥିଲେ। ଏହା ସହ ଜିଲ୍ଲାପାଳଙ୍କ ନେତୃତ୍ୱରେ ଦ୍ରୁତ ବିକାଶ ହେବ ବୋଲି ଆଶା ପୋଷଣ କରିଛନ୍ତି। ତତ୍‌ସହିତ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଓ ଆର୍ ଉଦୟଗିରି ବ୍ଲକ ଆକାଂକ୍ଷୀ ବ୍ଲକରେ ଉନ୍ନତ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିବାକୁ ନେଇ ଜିଲ୍ଲାପାଳଙ୍କୁ ଶୁଭେଚ୍ଛା ଜଣାଇଥିଲେ ବିଧାୟକ। ଏହି ଅବସରରେ ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲ୍ଲା ସାୟାମ୍ମା, କାଶୀନଗର ବ୍ଲକ ଉପାଧ୍ୟକ୍ଷ ରଘୁରାମ ସାହୁ ଓ ଜିଲ୍ଲା ପରିଷଦ ସଦସ୍ୟ ଏସ. ବାଲାରାଜୁ ଉପସ୍ଥିତ ଥିଲେ।

# ଶତାୟୁ ପୂର୍ବତନ ସରପଞ୍ଚଙ୍କୁ ଭେଟିଲେ ବ୍ଲକ ଅଧ୍ୟକ୍ଷା

ରାୟଗଡ଼, ୧।୮ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧିନ ଗଙ୍ଗାବାଡ଼ ପଞ୍ଚାୟତ ଅନ୍ତର୍ଗତ ବାରଘର ଗ୍ରାମ ତଥା ଗଙ୍ଗାବାଡ ପଞ୍ଚାୟତର ପ୍ରଥମ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ଭୂୟାଁଙ୍କୁ ତାଙ୍କ ବାସଗୃହରେ ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ସାକ୍ଷାତ

- ଝରଣା ପାର ହୋଇ ପାହାଡ଼ ଚଢ଼ି ଗଲେ
- ଅଞ୍ଚଳର ବିକାଶ ପାଇଁ ପରାମର୍ଶ ଦେଲେ ରାଜେନ୍ଦ୍ର ପ୍ରସାଦ



କରିଛନ୍ତି। ଗଜପତି ଜିଲ୍ଲାର ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପାଦଦେଶରେ ଅବସ୍ଥିତ ଗଙ୍ଗାବାଡ ପଞ୍ଚାୟତ ପୂର୍ବରୁ ଅବିଭକ୍ତ କଇଁପୁର ପଞ୍ଚାୟତର ଅଂଶବିଶେଷ ଥିଲା। ୧୯୭୩ରେ ପ୍ରଥମ କରି ଗଙ୍ଗାବାଡ ସମେତ ଆଖପାଖ ଅଞ୍ଚଳର ପ୍ରାୟ ୧୦ ଗ୍ରାମକୁ ନେଇ ନୂତନ ପଞ୍ଚାୟତ ଗଠିତ ହୋଇଥିଲା। ରାଜେନ୍ଦ୍ର ପ୍ରସାଦ ଭୂୟାଁ ପ୍ରଥମ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ପଞ୍ଚାୟତର ବିକାଶ କାର୍ଯ୍ୟକୁ ଗତିଶୀଳ କରି ଲୋକଙ୍କ ପ୍ରିୟଭାଜନ ହୋଇଥିଲେ। ବର୍ତ୍ତମାନ ସେ ଏକ ପାହାଡ଼ ଉପରେ ରହୁଥିବା ବେଳେ ଏକ ଝରଣା ପାର କରି ତାଙ୍କ ଘରକୁ ଯାଇଥିଲେ ବ୍ଲକ ଅଧ୍ୟକ୍ଷା। ପୂର୍ବତନ ସରପଞ୍ଚ ଶ୍ରୀ ଭୂୟାଁ ଶହେ ବର୍ଷ ଅତିକ୍ରମ କରିସାରିଥିଲେ ମଧ ଆଜି ବି ପଞ୍ଚାୟତର ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟସେବାର ଉନ୍ନତି କରିବାର ଉତ୍କଣ୍ଠା ରହିଥିବା ଦେଖିବାକୁ ମିଳିଥିଲା। ଅଧ୍ୟକ୍ଷା ଶ୍ରୀମତୀ ନାୟକଙ୍କ ଏହି ସାକ୍ଷାତ ସମୟରେ ତାଙ୍କ ସହ ଟିଡ଼ିସିସିଓଏଲ ନିର୍ଦ୍ଦେଶକ ତଥା ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ସ୍ଥାନୀୟ ସରପଞ୍ଚ ହରିବନ୍ଧୁ କାର୍ଜି ଏବଂ ସମିତିସଭ୍ୟା ସୁମିତ୍ରା ଶବର ଉପସ୍ଥିତ ଥିଲେ। ଶତାୟୁ ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ଭୂୟାଁ ସେମାନଙ୍କୁ ଚିହ୍ନିପାରି ଖୁସିବ୍ୟକ୍ତ କରିବା ସହ ପଞ୍ଚାୟତର ଉନ୍ନତି ପାଇଁ ବରିଷ୍ଠ ନେତା ଶ୍ରୀ ଗମାଙ୍ଗଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ସରପଞ୍ଚ ଶ୍ରୀ ଭୂୟାଁ ଏବଂ ତାଙ୍କ ପତ୍ନୀ ଚନ୍ଦ୍ରମା ଭୂୟାଁଙ୍କୁ ଅତିଥିମାନେ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଦେଇଥିଲେ।

# ପଦ୍ମଫୁଲ ତୋଳିବାକୁ ଯାଇ ବୁଡ଼ିଗଲେ ବୃଦ୍ଧ

ପାରଳାଖେମୁଣ୍ଡି, ୧।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନଡ଼ିଆତୋଟା ସାହିର ରାମଚନ୍ଦ୍ର ପ୍ରଧାନ (୬୮)। ସେ ଆଜି ପୋଖରୀକୁ ପଦ୍ମଫୁଲ ତୋଳିବାକୁ ଯାଇ ଦଳରେ ଛନ୍ଦିହୋଇ ବୁଡି ଯାଇଥିଲେ। ଏନେଇ ସ୍ଥାନୀୟ ଲୋକେ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ। ଏହି ଖବର ପାଇ ଘଟଣାସ୍ଥଳରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଗଜପତି ଜିଲ୍ଲାମୁଖ୍ୟ ଚିକିତ୍ସାଳକୁ ପଠାଇଥିଲେ। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

# ଫରେଷ୍ଟ ଟ୍ରେନିଂ ସ୍କୁଲ ଦାୟିତ୍ୱ ନେଲେ ନୂଆ ଅଧିକାରୀ




ଜି.ଉଦୟଗିରି, ୧।୮ (ସମିସ): କନ୍ଧମାଳ ଜିଲ୍ଲା ଜି ଉଦୟଗିରି ଫରେଷ୍ଟ ଟ୍ରେନିଂ ସ୍କୁଲରେ ନୂତନ ଅଧିକାରୀ ଭାବେ ଆଶିଷ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି।ସେ ପୂର୍ବରୁ ଓଡ଼ିଶା ସରକାରଙ୍କ ବନ୍ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ କାମ୍ପା ବିଭାଗର ଦାୟିତ୍ୱରେ ଥିଲେ। ତାଙ୍କୁ ଆଜି ଅନୁଷ୍ଠାନ ତରଫରୁ ସ୍ୱାଗତ କରାଯାଇଥିବା ବେଳେ ବିଦ୍ୟାଳୟରେ ପୂର୍ବରୁ ଥିବା ଦିବାକର ବେହେରାଙ୍କୁ ସରକାର ଯାଜପୁର ଡିଭିଜନକୁ ବଦଳି ହୋଇଛି। ତାଙ୍କୁ ବିଦାୟସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଏସିଏଫ୍‌ଙ୍କ ସହ ସମସ୍ତ କର୍ମଚାରୀ ଓ ପ୍ରଶିକ୍ଷକ ଉପସ୍ଥିତ ରହିଥିଲେ।

# ଜଙ୍ଗଲ ଜମି ପଟ୍ଟା ବଣ୍ଟନ



ଫିରିଙ୍ଗିଆ, ୧।୮ (ସମିସ): ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଯୋଗ୍ୟ ଆଦିବାସୀ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ମଲିକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଝୁଲିଲତା ସାହୁ, ଗ୍ରାମ୍ୟ ରୋଜଗାର ସେବକ ରୀତାରାଣୀ ଦଳବେହେରା ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପଞ୍ଚାୟତର ୩୧ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସରୁକୁଇ ଗାଁର ହିତାଧିକାରୀ ଉପସ୍ଥିତ ଥିବାବେଳେ ଅତିଥିଙ୍କ ଦ୍ୱାରା ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଥିଲା।

# ସମାଜସେବୀଙ୍କ ବିୟୋଗରେ ଶୋକସଭା

ଫୁଲବାଣୀ, ୧।୮ (ସମିସ): ଦୀର୍ଘଦିନ ଧରି ରୋଗ ସହ ସଂଗ୍ରାମ କରି ଶେଷରେ ଗତ ଜୁଲାଇ ୨୯ରେ ଯୁବ ସମାଜସେବୀ ଆଲୋକ ବେହେରାଙ୍କ ପରଲୋକ ଘଟିଛି। ସେ ୨୦୧୮ ମସିହାରୁ ବାଲିଗୁଡା ଆଇଟିଡିଏ ଅଧିନରେ ଆଦିବାସୀଙ୍କ ଜୀବନ ଜୀବିକା ସମ୍ପର୍କିତ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରୁଥିଲେ। ସ୍ୱର୍ଗତ ଆଲୋକଙ୍କ ବିୟୋଗରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବାଲିଗୁଡା କୃପାସିନ୍ଧୁ ବେହେରା ଶୋକ ପ୍ରକାଶ କରିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର କର୍ମକର୍ତ୍ତା ଆଲୋକଙ୍କ ବିୟୋଗରେ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା ସହ ଏକ ସ୍ମୃତିସଭା କାର୍ଯ୍ୟାଳୟରେ ହୋଇଥିଲା।



• ବ୍ୟାପକ ଫସଲ ନଷ୍ଟ ସହ ନେଲାଣି ୨ ଜୀବନ

# ହାତୀ ଉପଦ୍ରବର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଗୁହାରି

ଜି.ଉଦୟଗିରି, ୧।୮ (ସମିସ): ହାତୀ ଉପଦ୍ରବରେ ବ୍ୟାପକ ଫସଲ ନଷ୍ଟ ସହିତ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହେବା ପରେ ଭୟଭୀତ ଅବସ୍ଥାରେ ଅଛନ୍ତି ପ୍ରଭାବିତ ଅଞ୍ଚଳବାସୀ। ଦୀର୍ଘ ମାସ ହେଲା ଏହି ଉପଦ୍ରବ ଲାଗି ରହିଥିବା ଯୋଗୁଁ ପ୍ରଭାବିତ ହୋଇଛି ଲୋକଙ୍କ ଜୀବନ ଜୀବିକା। ଏହା ଅଞ୍ଚବାସୀଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ଶୁକ୍ରବାର ଜିଲ୍ଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି ପୁକୁଳିଙ୍ଗିଆ, ପାଜୀମାହା, ମଲାନାସୁଗା ଓ ଗମ୍ଭାରୀଗୁଡା ଗ୍ରାମବାସୀ। କ୍ଷତିଗ୍ରସ୍ତ ଲୋକେ ଆବଶ୍ୟକ ପ୍ରମାଣପତ୍ର ସହିତ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ ମଧ ବିଭାଗ ତରଫରୁ କୌଣସି ସହାୟତା ମିଳିନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତେଣୁ ଏହାର ସ୍ଥାୟୀ ସମାଧାନ କରାଗଲେ ଉପକୃତ ହେବେ ବୋଲି ଜଣାଇଛନ୍ତି। ହାତୀ ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ପରେ ବନ ବିଭାଗ ସହିତ ପୁଲିସ ଗାଡି ଗାଁ ଗାଁ ବୁଲି ଲୋକଙ୍କୁ ସତର୍କ କରୁଛି। ପଇନ୍ତରା ମାରୁଛି ରକ୍ଷକ ଗାଡି। ଏହା ସହିତ ହାତୀ ଗୁଜବରେ ଆଜି ଦୁଇଟି ସ୍କୁଲ ବନ୍ଦ ହୋଇଯାଇଛି। ଗୁଜବକୁ ବିଶ୍ୱାସ ନ କରି ହାତୀ ଦେଖିଲେ ବିଭାଗକୁ ଜଣାଇବାକୁ ଅନୁରୋଧ କରିଛି ବନ ବିଭାଗ। ଲୋକଙ୍କୁ କ୍ଷତିପୂରଣ ପାଇଁ ସରକାରଙ୍କ ନିକଟକୁ ପାଠଯାଇଛି। ଖୁବଶୀଘ୍ର ଆସିବ ବୋଲି କହିଛି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଯୁବ ରେଡକ୍ରସ୍ ୟୁନିଟ୍ ସ୍ୱେଚ୍ଛାସେବକଙ୍କ ପଦାର୍ପଣ ଓ ଶପଥ ଗ୍ରହଣ ସମାରୋହ

ପାରଳାଖେମୁଣ୍ଡି, ୧।୮ (ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟର ପରିସରରେ ଯୁବ ରେଡକ୍ରସ୍ ୟୁନିଟ୍‌ର ନୂତନ ସଦସ୍ୟଙ୍କୁ ଆନୁଷ୍ଠାନିକ ଭାବରେ ସ୍ୱାଗତ ଏବଂ ସେମାନଙ୍କ ମଧ୍ୟରେ ସେବା, ମାନବିକତା ଏବଂ କରୁଣାର ମୂଳ ମୂଲ୍ୟବୋଧକୁ ସ୍ଥାପିତ କରିବାକୁ ନେଇ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ବିଶେଷ ଅବସରରେ ସାଧନ ବ୍ୟକ୍ତି ଭାବରେ ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ଡ. ପ୍ରଦୀପ୍ତ କୁମାର ସାରଙ୍ଗୀ ଯୋଗ ଦେଇ ଯୁବ ସ୍ୱେଚ୍ଛାସେବକମାନଙ୍କ ପାଇଁ ସେବା ଏବଂ ଦାୟିତ୍ୱ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଏହାପରେ ରେଜିଷ୍ଟ୍ରାର ଡ. ଅନୀତା ପାତ୍ରଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଯାଇଥିଲା। ସିୟୁଟିଏମ୍‌ର ଛାତ୍ର ବ୍ୟାପାର ଡିନ୍ ଡ. ରିତେଶ କୁମାର ଯୋଗ ଦେଇ ଯୁବ ରେଡକ୍ରସ୍‌ର ଲକ୍ଷ୍ୟ ଏବଂ ସ୍ୱେଚ୍ଛାସେବାର ଗୁରୁତ୍ୱ ବିଷୟରେ କହିଥିଲେ। ସମାରୋହ ପ୍ରାରମ୍ଭରେ ସିୟୁଟିଏମ୍‌ର ବରିଷ୍ଠ ରେଡକ୍ରସ୍ ଅଧିକାରୀ ଡ. ସୁଶାନ୍ତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କାର୍ଯ୍ୟକ୍ରମର ସଂଯୋଜନା ମଧ୍ୟ କରିଥିଲେ।



# ମଦ ପିଇବାକୁ ଡାକିନେଇ ଯୁବକଙ୍କୁ ବୋତଲରେ ମରଣାନ୍ତକ ଆକ୍ରମଣ

• ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି

ଦାରିଙ୍ଗବାଡି, ୧।୮ (ସମିସ): ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ସିମନବାଡ଼ି ଅଞ୍ଚଳ ତେରାବାଡ଼ି ଗ୍ରାମର ଧର୍ମେନ୍ଦ୍ର ନାୟକଙ୍କୁ ପ୍ରଥମେ ମଦ ପିଆଇବା ପରେ ବୋତଲରେ ଆକ୍ରମଣ କରିଛି ଅନ୍ୟଜଣେ ମଦ୍ୟପ। ଧର୍ମେନ୍ଦ୍ର ରାଜସ୍ୱ ବଙ୍ଗଳା ପରିସରରେ ରହୁଥିବା କୁମାରୀ ନାୟକଙ୍କ ପାଖରେ ରହୁଥିଲେ। ଗୁରୁବାର ବିଳମ୍ବିତ ରାତିରେ ଧର୍ମେନ୍ଦ୍ର ଖାଉଥିବାବେଳେ ଗାଁର କିଛି ଯୁବକ ମଦ ପିଇବାକୁ ଡାକିଥିଲେ। ଧର୍ମେନ୍ଦ୍ର ଖାଇବା ଅଧାରୁ ଉଠି ମଦ୍ୟପାନ କରିବାକୁ ଯାଇଥିଲେ। ଅଧିକ ନିଶା ହେବା ପରେ ଡାକିନେଇଥିବା ଯୁବକ ମଦ ବୋତଲରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। କୁମାରୀ ତାଙ୍କୁ ରକ୍ଷା କରିବାକୁ ଉଦ୍ୟମ କରିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ ଯୁବକ। ଆକ୍ରମଣରେ ୨ ଜଣ ଗୁରୁତର ଆହତ ହୋଇଥିଲେ। ଧର୍ମେନ୍ଦ୍ର ଭୟରେ ରାତିସାରା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରେ ରହି ଶୁକ୍ରବାର ସକାଳେ ଦାରିଙ୍ଗବାଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ଧର୍ମେନ୍ଦ୍ରଙ୍କ ଅବସ୍ଥା ଗୁରୁତର ରହିଛି। ଉଭୟ ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଡିଏସ୍‌ପି ତଥା ଥାନା ଅଧିକାରୀ କନକ ମାଝୀ ସୂଚନା ଦେଇଛନ୍ତି।

• ଆବଶ୍ୟକ ଭିତ୍ତିଭୂମି ନଥାଇ ୟୁଏଏସ କାର୍ଯ୍ୟକାରୀକୁ ବିରୋଧ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଦାରିଙ୍ଗବାଡ଼ି, ୧।୮ (ସମିସ): ଦାରିଙ୍ଗବାଡ଼ି ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଇଓ ବନମାଳୀ ମାଝୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଓଏସଇପିଏ ରାଜ୍ୟରେ ୟୁଏଏସ ଲାଗୁ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତାହା କାର୍ଯ୍ୟକାରୀ କରିବାକୁ ରାଜ୍ୟ ଜିଲ୍ଲା ତଥା ବ୍ଲକରେ ଭିତ୍ତିଭୂମିର ଘୋର ଅଭାବ ରହିଛି। ସମସ୍ତ ବିଦ୍ୟାଳୟରେ ମୋବାଇଲ ନେଟୱର୍କ ନାହିଁ। ସବୁ ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶିକ୍ଷକ/ଶିକ୍ଷୟିତ୍ରୀ ନାହାନ୍ତି। ଏହା ସତ୍ତ୍ୱେ ଶିକ୍ଷଣ କାର୍ଯ୍ୟ, ମଧ୍ୟାହ୍ନଭୋଜନ ଇତ୍ୟାଦି କାର୍ଯ୍ୟ ଚାଲୁରହିଛି। ଏହିପରି ସ୍ଥଳେ ୟୁଏଏସ ଲାଗୁ କଲେ ରାଜ୍ୟ, ଜିଲ୍ଲା ତଥା ଅମ ବ୍ଲକରେ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ହେବ ଓ ବିଦ୍ୟାଳୟ ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବା ଅସମ୍ଭବ ହୋଇପଡ଼ିବ। ପ୍ରଥମେ ବିଦ୍ୟାଳୟର ଆବଶ୍ୟକ ଭିତ୍ତିଭୂମି ପ୍ରଦାନ ସହ ନେଟୱାର୍କ ଓ ଆବଶ୍ୟକ ଶିକ୍ଷକ ପଦ ପୂରଣ ପରିବା ପରେ ଏହି ବ୍ୟବସ୍ଥା ଲାଗୁ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ଦେବା ସମୟରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ସମ୍ପାଦକ ସଂଗ୍ରାମ ନାୟକ, ସଭାପତି ଜମିନୀ ପତ୍ରାଙ୍କ ସମେତ ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



# କୁଇ ସମାଜ ଯୁବ ପରିଷଦ ଗଠନ ଓ କର୍ମକର୍ତ୍ତା ଚୟନ

ଚକାପାଦ, ୧।୮ (ସମିସ): ଚକାପାଦ ବ୍ଲକ ଲାଇନପଡ଼ା ଶାଖାର କୁଇ ସମାଜ ଯୁବ ପରିଷଦ ଗଠନ ଓ କର୍ମକର୍ତ୍ତା ଚୟନ ହୋଇଯାଇଛି। ଚକାପାଦ ବ୍ଲକ ଅନ୍ତର୍ଗତ କୁସୁମେଣ୍ଡି ପଞ୍ଚାୟତ କରୁକସ୍କା ଗ୍ରାମର ସାଂସ୍କୃତିକ ଗୃହରେ ବୈଠକ କରାଯାଇ ଯୁବଶକ୍ତି ବଳରେ ଅଞ୍ଚଳର ବିଭିନ୍ନ ଉନ୍ନତି ଓ ବିକାଶ ପାଇଁ କୁସୁମେଣ୍ଡି ଏବଂ ବପଲମେଣ୍ଡି ପଞ୍ଚାୟତ କୁଇ ଯୁବକଙ୍କୁ ନେଇ ଯୁବ ପରିଷଦ ଗଠନ ସହିତ କର୍ମକର୍ତ୍ତା ଚୟନ କରାଯାଇଥିଲା। କୁଇ ସମାଜ ଯୁବ ପରିଷଦ କନ୍ଧମାଳ ସାଧାରଣ ସମ୍ପାଦକ ଅଚ୍ୟୁତ ଯାନୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ଲାଇନ୍ ପଡ଼ା ଶାଖାର ସହସମ୍ପାଦକ ଅଗସ୍ତି କୁମାର ମଲିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଯୁବକ/ଯୁବତୀ ଓ ଅଞ୍ଚଳର ବିକାଶ ନିମନ୍ତେ ଷଢମୁଠା ଶାଖା ଉପସଭାପତି ତଥା ବଲସକୁମ୍ପା ମଣ୍ଡଳ ଏସ୍‌ଟି ମୋର୍ଚ୍ଚା ସଭାପତି ବିଚିତ୍ର ବୀର୍ଯ୍ୟ ପ୍ରଧାନ ଉପସ୍ଥିତ ଥିବା ଯୁବକଙ୍କୁ ଦିଗଦର୍ଶନ ଦେଇଥିଲେ। ସଂଗଠନର ମୁଖ୍ୟ ଉପଦେଷ୍ଟା ଭାବେ ଅଗସ୍ତି କୁମାର ମଲିକଙ୍କୁ ଚୟନ କରାଯାଇଥିବା ବେଳେ ସଭାପତି ରାଜେନ୍ଦ୍ର ପ୍ରଧାନ, ଉପସଭାପତି ଜିତେନ୍ଦ୍ର ମଲିକ, ସମ୍ପାଦକ ଶ୍ରବଣ କୁମାର କହଁର, ସହ ସମ୍ପାଦକ ମଦନମୋହନ କହଁର, କୋଷାଧ୍ୟକ୍ଷ ଭଗବାନ କହଁର ଓ ସହକୋଷାଧ୍ୟକ୍ଷ ଲମ୍ବୋଦର କହଁରଙ୍କୁ ଚୟନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ କୁଇ ଯୁବକ ଅଂଶଗ୍ରହଣ କରିଥିଲେ।



# ଜି.ଉଦୟଗିରି-ରଟିଙ୍ଗିଆ ରାସ୍ତା ଶୋଚନୀୟ

ଜି.ଉଦୟଗିରି, ୧।୮ (ସମିସ)

କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରୁ ରଟିଙ୍ଗିଆ ରାସ୍ତା ଉପରେ ଆଖପାଖ ଅଞ୍ଚଳର ୨୦ରୁ ଅଧିକ ଗ୍ରାମର ଲୋକେ ନିର୍ଭର କରନ୍ତି। ହେଲେ ମରାମତି ଅଭାବରୁ ରାସ୍ତା ଶୋଚନୀୟ ହେବା କାରଣରୁ ଲୋକେ ନାହିଁ ନଥିବା ଅସୁବିଧାର

## ହୀନସ୍ତା ହେଉଛନ୍ତି ୨୦ ଖଣ୍ଡ ଗ୍ରାମବାସୀ

ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇପଡ଼ିଛି। ଖାଲରେ ପାଣି ଭାରି ରହିବା ଫଳରେ ଦିନକୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଦୀର୍ଘ ମାସ ହେଲା ଦୟନୀୟ ଅବସ୍ଥାରେରେ ଲୋକେ ଯିବାଆସିବା କରୁଥିବା ବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ବିଭାଗ। ପ୍ରତି ଗାଁକୁ ପକ୍କା ରାସ୍ତା କେବଳ ସ୍ଲୋଗାନରେ ରହିଯାଇଛି। ବିଶେଷ କରି ଛାତ୍ରଛାତ୍ରୀ, ରୋଗୀ ପ୍ରଭାବିତ ହେଉଥିବା ବେଳେ ସେହି ରାସ୍ତାରେ ଅଟୋ, ଚାରିଚକିଆ ଯାନ ସହିତ ଆମ୍ବୁଲାନ୍ସ ଯାତାୟାତ କରିବାକୁ ଭୟ କରୁଛନ୍ତି। ଲୋକେ ଅନ୍ୟ ରାସ୍ତାରେ ବୁଲି ବୁଲି ଯାଉଥିବା ଦେଖିବାକୁ ମିଳିଛି। ବାରମ୍ବାର ରାସ୍ତା ଖରାପ ହେବା ନେଇ ଅଭିଯୋଗ ପରେ ମଧ କେହି ଦୃଷ୍ଟି ଦେଉନାହାନ୍ତି। ୨୦ ଖଣ୍ଡ ଗ୍ରାମର ଜନ ସାଧାରଣ ନିର୍ଭର କରୁଥିବା ଏହି ରାସ୍ତାକୁ ପକ୍କା ରାସ୍ତା କରାଗଲେ ହଜାର ହଜାର ଲୋକେ ଉପକୃତ ହୋଇ ପାରିବେ ବୋଲି କୁହାଯାଇଛି।



## ଏସ୍ଏମ୍ଆର୍ସି ତରଫରୁ ଜିଲ୍ଲାସ୍ତରୀୟ କାର୍ଯ୍ୟାଲୋଚନା



ଛତ୍ରପୁର,୧।୮ (ସମିସ): ସଂଯୁକ୍ତ ଜାତି ସଂଘର ଖାଦ୍ୟ ଓ କୃଷି ସଂଗଠନ (ଫାଓ) ଓ ଆଇ.ଓ.ଏମ ଶାନ୍ତା ମେମୋରିଆଲ ରିହାବିଲିଟେସନ ସେଣ୍ଟର୍ (ଏସ୍.ଏମ୍.ଆର୍.ସି) ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଛତ୍ରପୁର ସ୍ଥିତ ଜଉଗଡ଼ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟାଲୋଚନା ଅନୁଷ୍ଠିତ ହୋଯାଇଛି । କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଏସ.ଏମ.ଆର.ସିର କାର୍ଯ୍ୟକାରୀ ଉପ ସଭାପତି ତଥା ପ୍ରକଳ୍ପର ଉପଦେଷ୍ଟା ପ୍ରଫେସର୍ ଆଶା ହଂସ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଫାଓ ତରଫରୁ ରୁତମ୍ଭରା ପ୍ରଜ୍ଞାମବାଦିନୀ ଓ ଆଇଓଏମ୍‌ରୁ ଡି. ନବନିତା ଦାସ, ପ୍ରାଣୀଧନ ଉପନିର୍ଦ୍ଦେଶକ ଡକ୍ଟର ଶଶିକାନ୍ତ ମହାନ୍ତି, ଗଞ୍ଜାମ ତାଙ୍କର ବକ୍ତବ୍ୟ ରଖିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ଼ଃ ଅଜୟ କୁମାର କର ଏବଂ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଦୁଇଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏସଏମଆରସିର ଜେଣ୍ଡର ଏକ୍ସପର୍ଟ ପ୍ରଫେସର୍ ସ୍ୱର୍ଣ୍ଣମୟୀ ତ୍ରିପାଠୀ ଓ ଚାଇଲ୍ଡ ଏକ୍ସପର୍ଟ୍ ପ୍ରଣତି ମିଶ୍ର, ସୋନପୁର, କହ୍ନେଇପୁର, ଗୋଖରକୁଦାରେ ହୋଇଥିବା ସମୂହ ଆଲୋଚନାର ନିଷ୍କର୍ଷକୁ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ନାରୀ, ଶିଶୁ ଓ ଯୁବ ଗୋଷ୍ଠୀଙ୍କ ଉପରେ ଜଳବାୟୁ ପରିବର୍ତ୍ତନ, ସ୍ଥାନାନ୍ତରଣ ଓ ଗ୍ରାମୀଣ ଜୀବିକାର ପ୍ରସଙ୍ଗ କେତେ ସମ୍ବେଦନଶୀଳ ସେ ସମ୍ପର୍କରେ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଏବଂ ବହୁ ସରପଞ୍ଚ, ପିଇଓ ଓ ଅନ୍ୟ ସେବାପ୍ରଦାନକାରୀ ବ୍ୟକ୍ତି ବିଶେଷ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ସଞ୍ଚାଳନରେ ସେବା ଅନୁଷ୍ଠାନର ସମ୍ପାଦିକା ଅଳକା ସାହୁ, ଶ୍ରୁତି, ଗୀତା ଏବଂ ଆଡ.ଏଟ.ଆକ୍ସନର ଏମ.ଆର.ସି ସଂଯୋଜକ ବିପ୍ଳବ କୁମାର ବେହେରା, ୱାସନ୍‌ର ଜିଲ୍ଲା ସଂଯୋଜକ ରିଙ୍କୁ ଗିରି ସହଯୋଗ କରିଥିଲେ । ପ୍ରଣତି ମିଶ୍ର ଧନ୍ୟବାଦ୍ ଦେଇଥିଲେ ।

## ବ୍ଲକ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧରାକୋଟ,୧।୮ (ସମିସ): ଧରାକୋଟ ବ୍ଲକରେ ୧୯୯୬ରୁ ଦୀର୍ଘ ୨୯ ବର୍ଷ ଧରି ଚାକିରି କରି ଆସିଥିବା ସୁବାସ ଚନ୍ଦ୍ର ସାହୁ ଅବସର ଗ୍ରହଣ କରିଛନ୍ତି । ବ୍ଲକ ସମ୍ମିଳନୀ କକ୍ଷରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଭାରପ୍ରାପ୍ତ ବିଡିଓ ସୁଶୀଲ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ଦୀପ୍ତିରେଖା ନାଥ, ବିଜୟଲକ୍ଷ୍ମୀ ସାହୁ, ବିକ୍ରମ ସୋରେନ, ଡି. କନ୍ୟାକୁମାରୀ, ଜିପିଇଓ ଦେବରାଜ ନାୟକ, ଏପିଓ ନନ୍ଦିନୀ ଦାସ, ପିଇଓ ରମେଶ ଚନ୍ଦ୍ର ପୃଷ୍ଟି, କାଳୁଚରଣ ସ୍ୱାଇଁ, ଇସାକ ପ୍ରଧାନ, ଅଶୋକ ସେଠି, ଅମୂଲ୍ୟ ରାଉଳ, ରାନୁ ମଣ୍ଡଳ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ, ଅର୍ଚ୍ଚନା ପଣ୍ଡା, ଏନ୍ଆରଇଜିଏ ବିଭାଗର ଅମେସ ବେହେରା, ସଞ୍ଜୀବ ରାଉଳ, ଆଶୁତୋଷ ପ୍ରଧାନ, ଦୀପକ ପଟ୍ଟନାୟକ, ସିପି ଲମ୍ବୋଦର ଗୌଡ଼, ଯୋଗାଣ ନୀରିକ୍ଷକ ସଞ୍ଜୟ ମଲିକ, ବିପିଏମ ପ୍ରତାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବିଦାୟୀ କର୍ମଚାରୀ ସୁବାସ ଚନ୍ଦ୍ର ସାହୁଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ ।

## କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରମ୍ଭା,୧।୮ (ସମିସ): ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ଼.ରଞ୍ଜନ କୁମାର ଦାଶଙ୍କ ସଭାପତିତ୍ୱରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଇଂରାଜୀ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ । ଭାରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ନାହାକ ଓ ଅଧ୍ୟକ୍ଷ ଡ଼. ରଞ୍ଜନ କୁମାର ଦାଶ ଉଭୟ ପରସ୍ପର ପରସ୍ପରଙ୍କୁ ଉପଢୌକନ ସହ ଫୁଲତୋଡ଼ା ଦେଇ କାର୍ଯ୍ୟକ୍ରମର ପରିଚୟ ସୃଷ୍ଟି କରିଥିଲେ । ବିଦାୟୀଙ୍କ ଅଧ୍ୟକ୍ଷଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ମଞ୍ଚାସୀନ ଅତିଥି ମାନେ ଆଲୋକପାତ କରିଥିଲେ । ଓଡ଼ିଆ ଅଧ୍ୟାପକ କୃଷ୍ଣ ବେହେରା ପ୍ରାରମ୍ଭିକ ସଂଗୀତ ଏବଂ ଶୁଭସ୍ମିତା ଅଧ୍ୟାପିକା ସୁପ୍ରଭା ସାହୁ ଉଦଯାପନୀ ସଂଗୀତ ଗାନ କରିଥିଲେ । ପିଜିଟି ଅଧ୍ୟାପିକା ଐଶ୍ୱର୍ଯ୍ୟା ଶାଳଗ୍ରାମ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ବିଦାୟୀ ରଞ୍ଜନ ସାରଙ୍କୁ ବିଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ପ୍ରକାର ଉପହାର ଦେଇଥିଲେ । ଡାଟା ଅପରେଟର କାଳିଆ ବେହେରା, ରାଜନୀତି ବିଜ୍ଞାନ ଅଧ୍ୟାପକ ଅମର ନାୟକ, ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ବିଶ୍ୱନାଥ ରଥ, ସହଯୋଗ କରିଥିଲେ ଏବଂ ଅଧ୍ୟାପକ ଡି. ତ୍ରିନାଥ ପ୍ରଧାନ, ବିଚିତ୍ରା ନନ୍ଦ ସାହୁ, ରୀନା ପାଣିଗ୍ରାହୀ, ପ୍ରମୋଦ ବେହେରା, ସାବିତ୍ରୀ ବେହେରା, ଧରଣୀଧର ମଲ୍ଲିକ, ବୈକୁଣ୍ଠ ନାହାକ, ବିଦ୍ୟାଧର ବାରିକ, ଲଳିତେନ୍ଦୁ ବେହେରା, ସତ୍ୟବାନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶିବଶଙ୍କର ପଣ୍ଡା ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।



# ହୁମ୍ମା ଫାଣ୍ଡିରୁ ଖସି ପଳାଇଲା ଜବତ ଟ୍ରକ୍



ଓଭରଲୋଡିଂ ଯୋଗୁ ଧରିଥିଲେ ଏମ୍‌ଭିଆଇ
ମଙ୍ଗୁଳିରୁ ଧରିଲା କଟକ ପରିବହନ ବିଭାଗ

ଛତ୍ରପୁର,୧।୮ (ସମିସ): ଯାଞ୍ଚବେଳେ ଓଭରଲୋଡିଂ ଯୋଗୁ ଟ୍ରକ୍‌କୁ ଜବତ କଲେ ଗଞ୍ଜାମ ଏମ୍‌ଭିଆଇ । ଲକ୍ଷାଧିକ ଟଙ୍କା ଜରିମାନା ପକାଇବାରୁ ଚାଳକ ଦେବାକୁ ଅସମର୍ଥ ହେଲେ । ଫଳରେ ଗାଡ଼ିକୁ ହୁମ୍ମା ଫାଣ୍ଡିକୁ ହସ୍ତାନ୍ତର କରାଗଲା । ମାତ୍ର ବିଳମ୍ବିତ ରାତିରେ ନକଲି ଚାବି ବ୍ୟବହାର କରି ଚାଳକ ଗାଡ଼ି ନେଇ ଫେରାର ହୋଇଯାଉଥିବାବେଳେ ତାଙ୍କୁ କଟକ ପରିବହନ ବିଭାଗ ମଙ୍ଗୁଳିରୁ ଧରିଛି । ଯାହା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରକାଶ ଯେ, ରମ୍ଭା ଥାନା ଅଧିନ ହୁମ୍ମା ନିକଟରେ ଗୁରୁବାର ଯାଞ୍ଚବେଳେ ଏକାଧିକ ଗାଡ଼ିକୁ ଓଭରଲୋଡିଂ ଓ ଅନ୍ୟାନ୍ୟ ନିୟମ ଖିଲାପ ଅଭିଯୋଗରେ ଜରିମାନା କରିଥିଲେ ଗଞ୍ଜାମ ଏମ୍‌ଭିଆଇ । ଯାଞ୍ଚ ବେଳେ ଏକ ଟ୍ରକ୍ (ନଂ.ଆର୍‌ଜେ-୦୨ଜିବି-୬୧୯୬) ୪୫ ଟନ୍ ଅଧିକ ମାଲ ପରିବହନ କରୁଥିବା ଜଣାପଡ଼ିବାରୁ ତାକୁ ୧ ଲକ୍ଷ ୪ ହଜାର ୬ଶହ ଟଙ୍କା ଜୋରିମନା ପକାଇଥିଲେ । ଜରିମନା ଦେଇନପାରିବାରୁ ହୁମ୍ମା ଫାଣ୍ଡି ଜିମାରେ ଟ୍ରକ୍‌କୁ ଦେଇଥିଲେ ଏମ୍‌ଭିଆଇ । କିନ୍ତୁ ବିଳମ୍ବିତ ରାତିରେ ଉକ୍ତ ଟ୍ରକର ଡ୍ରାଇଭର ନକଲି ଚାବିରେ ଗାଡ଼ି ଷ୍ଟାର୍ଟ କରି ସେଠାରୁ ନେଇ ଫେରାର ହୋଇଯାଇଥିଲା । ଶୁକ୍ରବାର ସକାଳୁ ଏମ୍‌ଭିଆଇ ଇଂ. ରବୀନ୍ଦ୍ର ନାଥ ଜେନା ଗାଡ଼ି ଥାନାରୁ ଖସି ପଳାଇଥିବା ଜାଣିବାପରେ ଟ୍ରକ୍ କରିବା ସହ ରାଜ୍ୟ ପରିବହନ ଆୟୁକ୍ତଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ । ପରେ କଟକ ପରିବହନ ବିଭାଗ ମଙ୍ଗୁଳି ଠାରେ ଉକ୍ତ ଟ୍ରକ୍‌କୁ ଠାବ କରି କାବୁ କରିବାରେ ସଫଳ ହୋଇଥିଲେ । ଜରିମନା ନଦେଇ ଗାଡ଼ି ଫେରାର କରି ନେଇଯିବା ଘଟଣାରେ ଏମ୍‌ଭିଆଇ ହୁମ୍ମା ଫାଣ୍ଡିରେ ଏତଲା ଦେଇଛନ୍ତି । ବର୍ତ୍ତମାନ ଟ୍ରକ୍‌ଟିକୁ ଧରିବାରେ ପରିବହନ ବିଭାଗ ସକ୍ଷମ ହୋଇଥିବା ଗଞ୍ଜାମ ଆର୍‌ଟିଓ ମାନସ ରଞ୍ଜନ ସାହୁ ସୂଚନା ଦେଇଛନ୍ତି । ଜରିମନା ଫାଙ୍କି ଖସିଯିବା ଉଦ୍ଦେଶ୍ୟରେ ଚାଳକ ଟ୍ରକ୍‌ଟିକୁ ନେଇ ଫେରାର ହୋଇଯାଇଥିବା ସ୍ୱୀକାର କରିଛନ୍ତି ।

## ଏଫ୍‌ସିଆଇ ଗୋଦାମରେ ଚଢ଼ଉ ଧରାପଡିଲା ୫ ଟ୍ରକ୍



- ଗଳାବାଟ ଦେଇ ଖସିଗଲେ ବହୁ ଟ୍ରକ୍
- ଫିଟ୍‌ନେସ୍ ନଥାଇ କରୁଥିଲେ ମାଲ ପରିବହନ

ଛତ୍ରପୁର,୧।୮ (ସମିସ): ଛତ୍ରପୁର ବ୍ଲକ ନରେନ୍ଦ୍ରପୁରଠାରେ ଥିବା ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଗୋଦାମ ପରିସରରେ ଗଞ୍ଜାମ ପରିବହନ ବିଭାଗ ପକ୍ଷରୁ ଅଚାନକ ଚଢ଼ଉ କରାଯାଇଥିଲା । ଏହି ଗୋଦାମରୁ ଦୈନିକ ଶହ ଶହ ଟ୍ରକ ଦ୍ୱାରା ଚାଉଳ, ସାର, ସିମେଣ୍ଟ, ଗହମ ଆଦି ବିଭିନ୍ନ ସ୍ଥାନକୁ ପରିବହନ ହେଉଛି । କିନ୍ତୁ ବହୁ ଟ୍ରକର ଫିଟ୍‌ନେସ ସମେତ ଗାଡିର କାଗଜ ପତ୍ର ସଠିକ ନଥିବା ନେଇ ବହୁବାର ଅଭିଯୋଗ ହୋଇଆସୁଥିଲା । ଏନେଇ ଗଞ୍ଜାମ ଆର୍‌ଟିଓ ମାନସ ରଞ୍ଜନ ସାହୁଙ୍କ ସମେତ ଏନ୍‌ଫୋର୍ସମେଣ୍ଟ ଟିମ୍ ଶୁକ୍ରବାର ଅଚାନକ ଚଢ଼ଉ କରି ବହୁ ଗାଡ଼ିର କାଗଜପତ୍ର ଯାଞ୍ଚ କରିଥିଲେ । ଏହି ଯାଞ୍ଚ ବେଳେ ବହୁ ଗାଡ଼ି ଟ୍ୟାକ୍ସ ନଦେଇ ପରିବହନ କରୁଥିବା ବେଳେ କିଛି ଗାଡ଼ିର ନଥିପତ୍ର ଠିକ ନଥିବା ଜଣାପଡିଥିଲା । ୫ ଗାଡ଼ିକୁ ୧ ଲକ୍ଷ ୧୯ ହଜାର ୧୬୦ ଟଙ୍କା ଜରିମାନା ପକାଯାଇଥିବା ଆର୍‌ଟିଓ ଶ୍ରୀ ସାହୁ କହିଥିଲେ । ଏପରିକି ଯେଉଁ ଗାଡ଼ିର ସଠିକ୍ କାଗଜପତ୍ର ନଥିବ ସେହି ଗାଡ଼ିକୁ ଯେପରି ଏଫ୍‌ସିଆଇ ଗୋଦାମରେ ପରିବହନ କରିବାକୁ ବାରଣ ରହିବ ସେନେଇ ସେଠାରେ ଉପସ୍ଥିତ ଥିବା ଏଫ୍‌ସିଆଇ ଅଧିକାରୀଙ୍କୁ କୁହାଯାଇଥିଲା । ଆଗାମୀ ଦିନରେ ମଧ୍ୟ ପୁଣି ଅଚାନକ ଚଢ଼ଉ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି । ଏହି ଚଢ଼ଉ ବେଳେ ବହୁ ଗାଡ଼ି ସେଠାରେ ଥିବା ଗଳା ବାଟ ଦେଇ ଫେରାର ହୋଇଯାଇଥିଲେ । ଏହି ଚଢ଼ଉରେ ଏଆର୍‌ଟିଓ ଜୟନ୍ତ କୁମାର ପ୍ରଧାନଙ୍କ ସମେତ ଓଏମ୍‌ଭିଡି କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଛତ୍ରପୁର,୧।୮ (ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳାନାରାୟଣପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଟାଙ୍ଗଣାପଲ୍ଲୀ ସରପଞ୍ଚ ବି. ସୁଦାମ ମୁଖ୍ୟ ଅତିଥି, ଛତ୍ରପୁର ସହକାରୀ ଗୋଷ୍ଠୀ ଅଧିକାରୀ ନମିତା ରାଉତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁଙ୍କ ଗୁଣଗାନ କରି ତାଙ୍କ ଅବସରକାଳୀନ ଜୀବନ ସୁଖମୟ ଓ ଶାନ୍ତିମୟ ହେଉ ବୋଲି କାମନା କରିଥିଲେ । ସେବାନିବୃତ୍ତ ପ୍ରଧାନଶିକ୍ଷକ କାମରାଜୁ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ, ସମିତି ସଭ୍ୟା ମିନାକୁମାରୀ ସାହୁଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ମଧୁମିତା ମହାନ୍ତି, ସିଆର୍‌ସି ଗିରିଶ ଚନ୍ଦ୍ର ମହାନ୍ତି, ଶିକ୍ଷକ ସୁଦାମ ଷଣ୍ଢ, ସୁମିତ୍ରା ପରିଡା, ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ସାହୁ, ଜି. ମାଳତୀ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ସୁନିଲ କୁମାର ଶତପଥୀ ସଂଯୋଜନା କରିଥିବା ବେଳେ ଗ୍ରାମ ସଭାପତି ଅମରେଶ୍ୱର ସାହୁ, ସମ୍ପାଦକ ଧର୍ମେନ୍ଦ୍ର ପ୍ରଧାନ, ଗଗନ ବିହାରୀ ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ବିଦ୍ୟାଳୟର ସଭାପତି ଶିବ ପାଣିଗ୍ରାହୀ, କାଶିନାଥ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶ୍ରୀ ସାଇ ସରସ୍ୱତୀ ବିଦ୍ୟାମନ୍ଦିରରେ ବନମହୋତ୍ସବ

ରମ୍ଭା/ଗଞ୍ଜାମ,୧।୮ (ସମିସ): ହୁମ୍ମା ପଞ୍ଚାୟତର କଳାଯମୁନା ଶ୍ରୀସାଇ ସରସ୍ୱତୀ ବିଦ୍ୟା ମନ୍ଦିରରେ ୭୬ତମ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।

ବିଦ୍ୟାଳୟ ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବନାଞ୍ଚଳ ଅଧିକାରୀ ତଥା ସରକାରୀ ବନ ସଂରକ୍ଷକ ଦିବ୍ୟ ଶଙ୍କର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ରମ୍ଭା ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ବନପାଳ ପ୍ରଶାନ୍ତ କୁମାର ରାଓ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଓ ପରିବେଶ ସୁରକ୍ଷା ଦିଗରେ ତାହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଦଣ୍ଡପାଣି ମହାରଣା ଅତିଥି ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦତ୍ତ ଭାଷଣ ପ୍ରତିଯୋଗିତାରେ ଗୌରବ ସାହୁ, ସାଇ ସଂପନ୍ନା ଗୌଡ଼, ଡି. ଆୟୁପ୍ରିୟା ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । କଂଗ୍ରେସ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ମାସିକ କ୍ଲଷ୍ଟରସ୍ତରୀୟ ଅଭିମୁଖୀକରଣ ବୈଠକ

ରମ୍ଭା,୧।୮ (ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ, ଖଲ୍ଲିକୋଟ ପକ୍ଷରୁ ଚଳିତ ଶିକ୍ଷା ବର୍ଷ ପାଇଁ ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ଅଭିମୁଖୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡ଼ା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ଚଣ୍ଡେଶ୍ୱର ମହାପାତ୍ର ବୈଠକର ଉଦ୍‌ଘାଟନ କରିଥିଲେ । ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଶ୍ରୀ ମହାପାତ୍ର କ୍ଲଷ୍ଟରସ୍ତରୀୟ ବୈଠକର ସଫଳତା ପାଇଁ ସିଆରସିସିମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ ।

ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା, ଜିତେନ୍ଦ୍ର ପଣ୍ଡା, ନବୀନ ପାରମାଣିକ, ସୁକୁଲେଇ ଟୁଡୁ, ପ୍ରଶିକ୍ଷିକା ଡକ୍ଟର ନିହାରିକା ସାମନ୍ତରାୟ, ଭାବିଲିତା ନାୟକ, ଲିପିଶ୍ରୀ ଦେବୀ, ଗାୟତ୍ରୀ ସ୍ୱାଇଁ, ଜୟନ୍ତୀ ବେହେରା, କଲ୍ୟାଣୀ କୁମାରୀ ଗୌଡ଼ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କାର୍ଯ୍ୟାଳୟର ସେକ୍ସନ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, ସହକାରୀ କିରାଣୀ ଆଶିଷ ରଞ୍ଜନ ସେଠୀଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

● ଯାନ୍ତ୍ରୀକ କର୍ମଚାରୀ ସଂଘର ବୈଠକ

## ମୌଳିକ ସୁବିଧା ଲାଗି ଏସିଇଙ୍କ ସହ ଆଲୋଚନା

ଛତ୍ରପୁର,୧।୮ (ସମିସ): ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଛତ୍ରପୁର ଶାଖାର ଗୁରୁବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ଖଣ୍ଡର ସମ୍ପାଦକ ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ସଭାପତି ପ୍ରଶାନ୍ତ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଶୀଳ କୁମାର ବ୍ରହ୍ମ, ସମ୍ପାଦକ ସୁଧାଂଶୁ ରାୟ, ବ୍ରହ୍ମପୁର ଖଣ୍ଡ ସଂପାଦକ ପ୍ରଦୀପ କୁମାର ସିଂ, ଗଞ୍ଜାମ ଜିଲ୍ଲା ଜିଲ୍ଲା ସଭାପତି ପଦ୍ମଚରଣ ପାଢି, ସଂପାଦକ ହରିମୋହନ ଶତପଥି, ଛତ୍ରପୁର ଖଣ୍ଡ ଉପଦେଷ୍ଟା ପ୍ରଭାକର ପାଣିଗ୍ରାହୀଙ୍କ ବିଭିନ୍ନ ଶାଖାର କର୍ମକର୍ତ୍ତା ଯୋଗଦେଇଥିଲେ । ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ ବହୁବର୍ଷ ଧରି ସିଏଲ୍ଆର୍ ତଥା ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଆଲୋଚନା ପରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର କର୍ମକର୍ତ୍ତା, ବ୍ରହ୍ମପୁର, ଛତ୍ରପୁର ଖଣ୍ଡର କର୍ମକର୍ତ୍ତାମାନଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଠିକା କର୍ମଚାରୀଙ୍କ ସର୍ବନିମ୍ନ ମଜୁରି, ଇପିଏଫ୍, ଇସିଆଇ ସହ ଶ୍ରେଣୀଭୁକ୍ତ କରାଇବା ଏବଂ ଅନ୍ୟାନ୍ୟ ମୌଳିକ ସମସ୍ୟା ଗୁଡିକର ତ୍ୱରିତ ସମାଧାନ ନିମନ୍ତେ ଛତ୍ରପୁର ଜନସ୍ୱାସ୍ଥ୍ୟ ଡିଭିଜନର ସହକାରୀ ମୁଖ୍ୟ ଯନ୍ତ୍ରୀ ଇଂ ପ୍ରଶାନ୍ତ କୁମାର ଦାଶଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏ ଦିଗରେ ସ୍ୱତନ୍ତ୍ର ଭାବେ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁନାହାନ୍ତି ଡାକ୍ତର

ପାରଳାଖେମୁଣ୍ଡି,୧।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ଭଣ୍ଡାରୀ ସାହିରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଦେଖାମିଳୁନି । ଡାକ୍ତର ନ ଥିବା କାରଣରୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସହରର ପ୍ରାୟ ୧୦ହଜାର ଲୋକ ନିର୍ଭର କରୁଥିବା ବେଳେ ପ୍ରତ୍ୟେକ ଦିନ ଶହ ଶହ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି । ଅଧିକାଂଶ ସମୟ ଡାକ୍ତର ଅନୁପସ୍ଥିତି ରହୁଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ କାର୍ଯ୍ୟରତ ଡାକ୍ତର ନିୟମିତ ବିଳମ୍ବରେ ଆସୁଥିବା ବେଳେ ଅଧିକାଂଶ ସମୟ ଛୁଟିରେ ମଧ୍ୟ ରହୁଛନ୍ତି । ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ସକାଳେ ବହୁ ସଂଖ୍ୟକ ରୋଗୀ ଆସିଥିବା ବେଳେ ଡାକ୍ତରଙ୍କ ଦେଖା ନ ଥିଲା । ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ସୂଚନା ଅନୁସାରେ ଡାକ୍ତର ଛୁଟିରେ ରହିଲେ କିମ୍ବା କୌଣସି ବିଭାଗୀୟ କାର୍ଯ୍ୟରେ ଗଲେ ଅନ୍ୟ ଜଣେ ଡାକ୍ତର ରହିବା କଥା ହେଲେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଏପରି ଅବ୍ୟବସ୍ଥାକୁ ନେଇ ବାରମ୍ବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ରୋଗୀ ଓ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।

ହାତୀଶାଳ ସରକାରୀ ଉପ୍ରା ବିଦ୍ୟାଳୟର ବିକଳ ଚିତ୍ର

## ଆଠ ଶ୍ରେଣୀକୁ ତିନି ଶିକ୍ଷୟିତ୍ରୀ



ଜି.ଉଦୟଗିରି,୧।୮ (ସମିସ): ଜି.ଉଦୟଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ରହିଛି ବହୁ ପୁରାତନ ହାତୀଶାଳ ସରକାରୀ ଉପ୍ରା ବିଦ୍ୟାଳୟ । ୧୮୮୯ରେ ପ୍ରତିଷ୍ଠିତ ୧୩୬ ବର୍ଷର ଏହି ସ୍କୁଲର ସ୍ଥିତି ଏବେ ଦୟନୀୟ । ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୮ଟି ଶ୍ରେଣୀ ଥିବାବେଳେ ରହିଛନ୍ତି ତିନି ଶିକ୍ଷୟିତ୍ରୀ । ଯାହାକୁ ନେଇ ଅଭିଭାବକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରାଯାଇଛି । ୮ଟି ଶ୍ରେଣୀରେ ୧୨୮ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏତେ କମ୍ ଶିକ୍ଷକଙ୍କୁ ନେଇ କେମିତି ପାଠ ପଢ଼ାଯାଉଛି ବୋଲି ପ୍ରଶ୍ନ କରିଛନ୍ତି ଅଭିଭାବକ । ଏହା ସହିତ ଏବେ ଶିଶୁ ବାଟିକା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି । ଏହି ଶ୍ରେଣୀକୁ ମିଶାଇଲେ ୯ଟି ଶ୍ରେଣୀ ହେଉଛି । ଦୀର୍ଘବର୍ଷ ହେଲା ଆବଶ୍ୟକ ଶିକ୍ଷକ ସହ ସ୍ଥାୟୀ ପ୍ରଧାନଶିକ୍ଷକ ପଦ ପୂରଣ ପାଇଁ ଦାବି ହେଉଛି ହେଲେ ଗୁରୁତ୍ୱ ଦେଉନି ବିଭାଗ । ଫଳରେ ଦିନକୁ ଦିନ ସ୍କୁଲରେ ପିଲା କମିବାରେ ଲାଗିଛି । ସରକାର ଗୁଣାତ୍ମକ ଶିକ୍ଷା ପାଇଁ କୋଟି କୋଟି ଖର୍ଚ୍ଚ କରୁଥିବା ବେଳେ ଏଭଳି ଅବ୍ୟବସ୍ଥା ଯୋଗୁ ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରୁନି । ଜି.ଉଦୟଗିରି ସହରର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଯଦି ଏହିଭଳି ଅବ୍ୟବସ୍ଥା ତାହାହେଲେ ଦୂର ଅପହଞ୍ଚ ଗାଁରେ କେମିତି ଶିକ୍ଷାଦାନ ହେଉଥିବ ତାହା ସହଜେ ଅନୁମେୟ । ପ୍ରାଥମିକ ଶିକ୍ଷା ଛାତ୍ରଛାତ୍ରୀଙ୍କ ମୂଳଦୁଆ ହୋଇଥିବା ବେଳେ ଏଭଳି ଶିକ୍ଷା ବ୍ୟବସ୍ଥା ମୂଳଦୂଆକୁ କେମିତି ମଜଭୂତ କରିପାରିବ ତାହା ଚିନ୍ତାର ବିଷୟ ।

# କାଶୀନଗରରେ ବିଏସ୍‌ଏନ୍‌ଏଲ୍ ସେବା ବିପର୍ଯ୍ୟସ୍ତ



ବିଦ୍ୟୁତ୍ ଗଲେ ସେବା ବନ୍ଦ; ଉପଭୋକ୍ତା ହନ୍ତସନ୍ତ

କାଶୀନଗର,୧।୮ (ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ସେବା ଆଇସିୟୁରେ ଭର୍ତ୍ତି ରୋଗୀ ଭଳି ହୋଇଛି । ଥାଇ ବି ନଥିବା ଭଳି । ବିଦ୍ୟୁତ୍ କଟିଲେ ନେଟ୍‌ୱର୍କ ପଳାଇଯାଉଛି । ଫଳରେ ଉପଭୋକ୍ତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତି ଦିନ ଅଘୋଷିତ ବିଦ୍ୟୁତ୍ କାଟ୍ ସେମାନଙ୍କ ଅସୁବିଧାକୁ ଦ୍ୱିଗୁଣିତ କରୁଛି । ସ୍ଥାନୀୟ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟର ଅବସ୍ଥା ବି ଶୋଚନୀୟ । ସେଠି ବ୍ୟାଟେରି ଅଛି, କିନ୍ତୁ କାମ କରୁନି । ଜେନେରେଟର୍ ବାହାରେ ପଡ଼ି ଖତ ଖାଉଛି । ତେଲ ଅଭାବରୁ ତାହା ଚାଲିପାରୁନାହିଁ । ଏପରିକି କାର୍ଯ୍ୟାଳୟର ନାମ ଫଳକ ବି ନାହିଁ । ଜଣେ ମାତ୍ର କର୍ମଚାରୀ କିଲ୍ଲାରି ଆପ୍ପାରାଓ କାର୍ଯ୍ୟାଳୟ ଦାୟିତ୍ୱରେ ଥିବାବେଳେ ତାଙ୍କୁ ପ୍ରାୟ ୫ବର୍ଷ ହେଲା ଦରମା ମିଳିନାହିଁ ବୋଲି କହିଛନ୍ତି । ବିଏସ୍‌ଏନ୍‌ଏଲ୍ ଇଣ୍ଟରନେଟ ଉପରେ ବହୁ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ନିର୍ଭର କରୁଥିବାବେଳେ ଏପରି ଅବ୍ୟବସ୍ଥା ଯୋଗୁ ବହୁ କାମ ବାଧାପ୍ରାପ୍ତ ହେଉଛି । ବିପର୍ଯ୍ୟସ୍ତ ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିଚାଲିଛି । ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଉପଭୋକ୍ତାଙ୍କୁ ଯେପରି ସୁବିଧାରେ ସେବା ମିଳି ପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

## ରମ୍ଭା ଏସ୍‌ବିଆଇ ଶାଖାର ନୂତନ ପରିଚାଳକ



ରମ୍ଭା,୧।୮ (ସମିସ): ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ରମ୍ଭା ଶାଖାରେ ନୂତନ ପରିଚାଳକ ରୂପେ ସୌମ୍ୟକାନ୍ତ ପଟ୍ଟନାୟକ ଯୋଗ ଦେଇଛନ୍ତି । ଏଥି ପୂର୍ବରୁ ସେ ହିଞ୍ଜିଳିକାଟୁ ଶାଖାରେ କାର୍ଯ୍ୟରତ ଥିଲେ । ରମ୍ଭା ଏକ ଭଲ ଅଞ୍ଚଳ, ଏଠାରେ ଗ୍ରାହକଙ୍କ ସୁବିଧାକୁ ପ୍ରାଥମିକତା । ଏଠାରେ ପୂର୍ବରୁ ଥିବା ଶାଖା ପରିଚାଳକ ଲକ୍ଷ୍ମଣ ମୁର୍ମୁଙ୍କର ଭୁବନେଶ୍ୱର ମୁଖ୍ୟ ଶାଖାକୁ ବଦଳି ହୋଇଥିବା ଜଣାପଡ଼ିଛି ।

## ଶ୍ରୀଶ୍ରୀ ବଡ଼ ମା'ଙ୍କ ଜନ୍ମୋତ୍ସବ



କୋଦଳା,୧।୮ (ସମିସ): ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ସୁମଣ୍ଡଳ ସ୍ଥିତ ସତସଙ୍ଗ ବିହାର ପରିସରରେ ଶ୍ରୀଶ୍ରୀ ବଡମା'ଙ୍କର ୧୩୨ ତମ ଜନ୍ମୋତ୍ସୋବ ପାଳିତ ହୋଇଯାଇଛି । ପ୍ରାତଃରେ ବିନତି ପ୍ରାର୍ଥନା, ଜନ୍ମଲଗ୍ନ ଘୋଷଣା, ସନ୍ଧ୍ୟା ବିନତି ପ୍ରାର୍ଥନା, ଗ୍ରନ୍ଥ ପାଠ, ଭଜନ, କୀର୍ତ୍ତନ, ସତସଙ୍ଗ ସଦା ଆଲୋଚନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଋତ୍ୱିକ ରାଜେଶ କୁମାର ଖଣ୍ଡେଲୱାଲ୍, କସ୍ତୁରି ଚରଣ ପ୍ରଧାନ, ରାଘବ ସୁବୁଦ୍ଧି ସମେତ ଅନ୍ୟାନ୍ୟ କର୍ମୀମାନେ ଯୋଗଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭାବଧାରା ଏବଂ ପରମ ଆରାଧ୍ୟା ବଡ଼ମା'ଙ୍କର ଜୀବନୀ, ନୀତି ଆଦର୍ଶ ଏବଂ ଭାବାଦର୍ଶ ବିଷୟରେ ଆଲୋଚନା କରିଥିଲେ ।

